ଅଗ୍ରଗାମୀ
AGRAGAMEE

ସରକାରୀ ଯୋଜନା, ସୂଚନା ଓ ରୂପାୟନର ବାର୍ତ୍ତା
ଅଗ୍ରଗାମୀ-ୟୁରୋପିୟାନ ୟୁନିୟନ ମିଳିତ ପ୍ରକଳ୍ପର

European Union

# ସୂଚନା ବାର୍ତ୍ତା

ତୃତୀୟ ବର୍ଷ | ସପ୍ତମ ସଂଖ୍ୟା | ସେପ୍ଟେମ୍ବର-ଡିସେମ୍ବର ୨୦୧୬

ଦଣ୍ଡାବାଡ଼ ଗ୍ରାମର ୬ ଜଣ ପାଇଲେ ବାର୍ଦ୍ଧକ୍ୟ ଭତ୍ତା ... ୩





ବିଧାୟକଙ୍କ ହସ୍ତକ୍ଷେପରେ ଦୁଇ ଅନାଥ ପୁଅ ଓ ଝିଅ ପାଠପଢା ସମ୍ଭବ ହେଲା ... ୪

ବରକାନି ଗାଆଁରେ ମନରେଗା କାମର ସଫଳ କାହାଣୀ ....୫






ନୂଆପଡା ସି.ଏ.ଜି. ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ... ୬

ବିଡିଓ ଏବଂ ଯୋଗାଣ ନିରୀକ୍ଷକଙ୍କୁ ଦରଖାସ୍ତ ଦେବାରୁ ରାସନକାର୍ଡ ପାଇଲେ ... ୭



ବ୍ଲକ୍ ସୂଚନାକେନ୍ଦ୍ର ହସ୍ତକ୍ଷେପ ପରେ ହିତାଧିକାରୀଙ୍କୁ ମିଳିଲା ଖାଉଟୀକାର୍ଡ ... ୧୦





ମଧ୍ୟାହ୍ନଭୋଜନ ନେଇ କୈଫୟତ ମାଗିଲା ସ୍କୁଲ ପରିଚାଳନା କମିଟି ... ୧୧

ତେଜିଲେ ଫଟକିମହୁଲ ବିଦ୍ୟାଳୟ ପରିଚାଳନା କମିଟି ... ୧୨





ଜିଲ୍ଲାପାଳଙ୍କୁ ଭେଟି ଦାବି କରିବା ପରେ ସ୍କୁଲ ବିଲ୍ଡିଂ କାମ ଆରମ୍ଭ ହେଲା ... ୧୩

ପଞ୍ଚାୟତିରାଜ ବ୍ୟବସ୍ଥାରେ ପଲ୍ଲୀସଭା ଓ ଗ୍ରାମସଭାର ମୁଖ୍ୟ କାମ ...୧୪


ଅଗ୍ରଣୀ — କପ୍ତିପଦା, ମୟୂରଭଞ୍ଜ
ବଲାଙ୍ଗିର ବିକାଶ ପରିଷଦ — ବେଲପଡ଼ା, ବଲାଙ୍ଗିର
CHALE CHALO Let's Move Forward — ବୋଡ଼େନ୍, ନୂଆପଡ଼ା
ସେବା ଜଗତ — ମଦନପୁର-ରାମପୁର କଳାହାଣ୍ଡି
RCDC — ଡାବୁଗାଁ, ନବରଙ୍ଗପୁର
ରାୟଗଡ଼, ଗଜପତି
MAHILA VIKAS — ଆର. ଉଦୟଗିରି, ଗଜପତି
Harmony Let us build a harmonious society — କୋରୁକୁଣ୍ଡା ଓ ମାଥିଲି ବ୍ଲକ, ମାଲକାନଗିରି

# ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| ୧. | ଦଣ୍ଡାବାଡ଼ ଗ୍ରାମର ୬ ଜଣ ପାଇଲେ ବାର୍ଦ୍ଧକ୍ୟ ଭତ୍ତା | ୩ |
| ୨. | ବିଧାୟକଙ୍କ ହସ୍ତକ୍ଷେପରେ ଦୁଇ ଅନାଥ ପୁଅ ଓ ଝିଅଙ୍କ ପାଠପଢା ସମ୍ଭବ ହେଲା | ୪ |
| ୩. | ବରକାନୀ ଗାଆଁରେ ମନରେଗା କାମର ସଫଳ କାହାଣୀ | ୫ |
| ୪. | ଗ୍ରାମବାସୀଙ୍କ ଦାବି ଯୋଗୁ ନିର୍ମାଣ ହେଲା ନୂତନ ଅଙ୍ଗନୱାଡ଼ି କେନ୍ଦ୍ର | ୬ |
| ୫. | ବିଡ଼ିଓ ଏବଂ ଯୋଗାଣ ନିରୀକ୍ଷକଙ୍କୁ ଦରଖାସ୍ତ ଦେବାରୁ ରାସନକାର୍ଡ ପାଇଲେ | ୭ |
| ୬. | ରାଜ୍ୟସ୍ତରୀୟ ସୂଚନା ଅଧିକାର ଫୋରମ୍ ଗଠନ କାର୍ଯ୍ୟକ୍ରମ | ୮ |
| ୭. | ଇୟୁ ପ୍ରକଳ୍ପ ପ୍ରତିନିଧିଙ୍କ ପରିଦର୍ଶନ ଏବଂ ରାଜ୍ୟସ୍ତରୀୟ ମହିଳା ସମାବେଶ | ୯ |
| ୮. | ବ୍ଲକ ସୂଚନାକେନ୍ଦ୍ରର ହସ୍ତକ୍ଷେପ ପରେ ହିତାଧିକାରୀଙ୍କୁ ମିଳିଲା ଖାଉଟୀକାର୍ଡ | ୧୦ |
| ୯. | ମଧ୍ୟାହ୍ନଭୋଜନ ନେଇ କୈଫୟତ ମାଗିଲା ସ୍କୁଲ ପରିଚାଳନା କମିଟି | ୧୧ |
| ୧୦. | ତେଜିଲେ ଫଟକିମହୁଲ ବିଦ୍ୟାଳୟ ପରିଚାଳନା କମିଟି | ୧୨ |
| ୧୧. | ଜିଲ୍ଲାପାଳଙ୍କୁ ଭେଟି ଦାବି କରିବା ପରେ ସ୍କୁଲ ବିଲ୍ଡିଂ କାମ ଆରମ୍ଭ ହେଲା | ୧୩ |
| ୧୨. | ପଞ୍ଚାୟତିରାଜ ବ୍ୟବସ୍ଥାରେ ପଲ୍ଲୀସଭା ଓ ଗ୍ରାମସଭା ମୁଖ୍ୟ କାମ | ୧୪ |
| ୧୩. | ଖବର କାଗଜ ପୃଷ୍ଠାରୁ.... | ୧୬ |


ଗ୍ରାମାଞ୍ଚଳରେ ବିଭିନ୍ନ ସରକାରୀ ଯୋଜନା ପରିଚାଳନାରେ ସ୍ୱଚ୍ଛତା ଏବଂ ସୁଫଳତା ପହଞ୍ଚାଇବା ପାଇଁ ଆଉ କି କି ସୂଚନା ପ୍ରକାଶିତ କଲେ ହିତାଧିକାରୀମାନେ ବିଶେଷ ଭାବେ ଉପକୃତ ହୋଇ ପାରିବେ ତାହା ଚିଠି/ମେଲ୍/ଫୋନ୍ ମାଧ୍ୟମରେ ଜଣାଇବା ପାଇଁ ଏହାର ପାଠକମାନଙ୍କୁ ଏକାନ୍ତ ଅନୁରୋଧ।

# ସମ୍ପାଦକୀୟ........



ରାଜ୍ୟ ଖାଦ୍ୟ କମିଶନ ଓ ଏହାର ଅଧକ୍ଷ ସମ୍ମାନୀୟ ଶ୍ରୀ ରଙ୍ଗଲାଲ ଜାମୁଡ଼ାଙ୍କୁ ବିଶେଷ ଧନ୍ୟବାଦ ଦେବି । ସାରା ଓଡ଼ିଶାରେ ଯୋଗ୍ୟବ୍ୟକ୍ତି ମାନେ କିପରି ରାସନକାର୍ଡ଼ ପାଇବେ, ଏ ବିଷୟରେ ଶ୍ରୀ ରଙ୍ଗଲାଲ ଜାମୁଡ଼ାଙ୍କର ଉଦ୍ୟମ ବେଶ୍ ପ୍ରଶଂସନୀୟ । ଜାତୀୟ ଖାଦ୍ୟ ନିରାପତ୍ତା ଆଇନର ବ୍ୟାପକ ପ୍ରୟୋଗ ମଧ୍ୟ କମିଶନଙ୍କ ଅନ୍ୟ ଏକ ଉଦ୍ଦେଶ୍ୟ । ଡିସେମ୍ବର ମାସ ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ କାଶୀପୁର, ଅଗ୍ରଗାମୀ ପରିସରରେ ଏକ ରାଜ୍ୟସ୍ତରୀୟ ମହିଳା ସମାବେଶ ଆୟୋଜିତ ହୋଇଥିଲା । ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ମହିଳାନେତ୍ରୀ ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ କମିଶନର ଅଧକ୍ଷ୍ୟ ଶ୍ରୀ ରଙ୍ଗଲାଲ ଜାମୁଡ଼ା ଡିସେମ୍ବର ୯ ଏବଂ ୧୦ ଦୁଇଦିନ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ଜାମୁଡ଼ା ତାଙ୍କର ଉଦ୍‌ଘାଟନୀ ଭାଷଣରେ କହିଥିଲେ ଯେ, ସରକାରଙ୍କ ପୋଷାହାର ଏବଂ ଖାଦ୍ୟ ସୁରକ୍ଷା ଯୋଜନାର ମୁଖ୍ୟ କାର୍ଯ୍ୟକ୍ରମ ଗୁଡ଼ିକ ହେଲା : (୧) ପି.ଡ଼ି.ଏସ୍ (୨) ଅନ୍ତୋଦୟ: (୩୫ କିଲୋଗ୍ରାମ ଚାଉଳ ) (୩) ସରକାରୀ ଓ ସରକାରୀ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନର ବିଦ୍ୟାଳୟ, ଶିକ୍ଷା ଅନୁଷ୍ଠାନକୁ ଏହି ଯୋଜନାରେ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯିବା। (୪) ଆଇ.ସି.ଡ଼ି.ଏସ୍, ଗର୍ଭବତୀ ମହିଳା, ଛୋଟ ଶିଶୁ, ବିଦ୍ୟାଳୟରେ ପଢୁଥିବା କିଶୋରୀ ବାଳିକା ( ୧୦ ରୁ ୧୮ ବର୍ଷ ବାଳିକା)ଙ୍କୁ ପୋଷଣର ଖାଦ୍ୟ ଦିଆଯିବା । ଶ୍ରୀ ଜାମୁଡ଼ା ଅଗ୍ରଗାମୀର କର୍ମୀ ଏବଂ ମହିଳାନେତ୍ରୀ ମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ପ୍ରକଳ୍ପ ଅନ୍ତର୍ଗତ ୧୦ଟି ଜିଲ୍ଲା, ୨୦ଟି ବ୍ଲକ, ୧୦୦ଟି ପଞ୍ଚାୟତ ଏବଂ ୧୦୦୦ଟି ଗ୍ରାମରେ ଥିବା ଯୋଗ୍ୟ ହିତାଧିକାରୀ ମାନେ ରାସନକାର୍ଡ଼ ପାଇବାରେ ଯେପରି ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି । ବାସ୍ତବିକ, ଏହା ଏକ ଦାୟିତ୍ୱ ଆମ ସମସ୍ତଙ୍କ ପାଇଁ । ଆଗାମୀ ଦୁଇତିନି ମାସ ଭିତରେ ଯେପରି ଯୋଗ୍ୟ ହିତାଧିକାରୀ ମାନେ ରାସନ୍‌କାର୍ଡ଼ ପାଇବେ, ତାହା ଆମର ବିଶେଷ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ । ଶ୍ରୀ ଜାମୁଡ଼ା ନିର୍ଭୟ ପ୍ରତିଶ୍ରୁତି ଦେଇ କହିଛନ୍ତି, ଯଦି କେହି ଯୋଗ୍ୟ ହିତାଧିକାରୀ ଦରଖାସ୍ତ ଆବେଦନ କରି ମଧ୍ୟ ରାସନକାର୍ଡ଼ ପାଇନାହିଁ, ତାହା ତାଙ୍କର ଦୃଷ୍ଟି ଆକର୍ଷଣ କଲେ ରାଜ୍ୟ ଖାଦ୍ୟ କମିଶନ ନିଶ୍ଚୟ ହସ୍ତକ୍ଷେପ କରିବ । ଏହା ଆମ ସମସ୍ତଙ୍କ ପାଇଁ ବିଶେଷ ସ୍ୱାଗତଯୋଗ୍ୟ ବକ୍ତବ୍ୟ ଥିଲା ।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ର ବ୍ୟାପକ ପ୍ରୟୋଗ ଦ୍ୱାରା ମଧ୍ୟ ସ୍କୁଲରେ ମଧ୍ୟାହ୍ନଭୋଜନ, ଗାଁରେ ଆଇ.ସି.ଡ଼ି.ଏସ୍, କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି ଆମ ସମସ୍ତଙ୍କର ବିଶ୍ୱାସ । ଏ ଦିଗରେ ମଧ୍ୟ ଇୟୁ ସୂଚନା ପ୍ରକଳ୍ପର ସମସ୍ତ ସହକର୍ମୀ ଉଚିତ୍ ପଦକ୍ଷେପ ନେବେ ବୋଲି ମୋର ଆଶା ରହିଛି । ସ୍ଥାନୀୟ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା ପାଇଁ ଦାୟିତ୍ୱ ମଧ୍ୟ ବଢ଼ିଛି । ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କୁ ସବୁ ବିଷୟର ତତ୍ତ୍ୱାବଧାନ ଏବଂ ମୂଲ୍ୟାଙ୍କନ କରିବା ଅପରିହାର୍ଯ୍ୟ ହୋଇଛି । ଏହାକୁ ସାଧାରଣ ଭାବେ Community Monitoring ବୋଲି କୁହାଯାଉଛି ।

ଶୁଭେଚ୍ଛାର ସହ

ଅଚ୍ୟୁତ ଦାସ

# ଦଣ୍ଡାବାଡ଼ ଗ୍ରାମର ୬ ଜଣ ପାଇଲେ ବାର୍ଦ୍ଧକ୍ୟ ଭତ୍ତା



ରାୟଗଡା ଜିଲ୍ଲା, କାଶୀପୁର ବ୍ଲକ୍ ଚନ୍ଦ୍ରଗିରି ପଞ୍ଚାୟତ ଅନ୍ତର୍ଗତ ଦଣ୍ଡାବାଡ଼ ଗ୍ରାମର ତଳସାହି । ଜିଲ୍ଲା, ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏହା ଯଥାକ୍ରମେ ୧୦୯, ୩୪ ଓ ୯ କି.ମି. ଦୂରତାରେ ଅବସ୍ଥିତ । ଗାଁରେ ପ୍ରାୟ ୪୬ଟି ଅତ୍ୟନ୍ତ ଗରୀବ ଆଦିବାସୀ ପରିବାରର ବସବାସ କରନ୍ତି । ଗାଁରେ ନା ଅଛି ବିଦ୍ୟାଳୟ ନା ଅଛି ଅଙ୍ଗନଓ୍ବାଡ଼ି । ଗାଁର କୁନିକୁନି ପିଲା, ଗର୍ଭବତୀ ଓ ପ୍ରସୂତୀ ମାଆଁମାନେ ପାହାଡ଼ିଆ ରାସ୍ତାରେ ଦୁଇ ଅଢ଼େଇ କି.ମି. ବାଟ ଚାଲିଚାଲି ଯାଇ ଦଣ୍ଡାବାଡ଼ ଉପରସାହିରେ ଥିବା ସ୍କୁଲ୍ ଏବଂ ଅଙ୍ଗନଓ୍ବାଡ଼ି କେନ୍ଦ୍ରକୁ ଯିବା ପାଇଁ ରାଜି ହୁଅନ୍ତି ନାହିଁ ଫଳରେ ଏହି ଗାଁର ବିଭିନ୍ନ ବର୍ଗର ହିତାଧିକାରୀମାନଙ୍କ ପାଇଁ ସରକାରୀ ଯୋଜନାର ସୁଫଳତା ବହୁ ଦୂରରେ । ଗାଁରେ ନିହାତି ଗୋଟିଏ ବିଦ୍ୟାଳୟ ଏବଂ ଏକ ମିନି ଅଙ୍ଗନଓ୍ବାଡ଼ିଟିଏ ହେବା କଥା । ଏ ବାବଦରେ ବିଭାଗୀୟ ଅଧିକାରୀ ମାନଙ୍କ ପାଖରେ ଅଭିଯୋଗ ଏବଂ ଦାବିପତ୍ର ଦେଇଥିଲେ ମଧ୍ୟ ତାହା ପ୍ରଶାସନିକ ସ୍ତରରେ ଅନାଗ୍ରହରୁ ହୋଇପାରୁ ନାହିଁ । ଗାଁର ଗରିବ, ଅସହାୟ, ନିରକ୍ଷର, ଅଜ୍ଞ ଗାଁବାସୀ କାହା ପାଖରେ ଗୁହାରି କଲେ କିଏ ବୁଝିବ ସେମାନଙ୍କ ସମସ୍ୟା । ସେ ଯାହାହେଉ, ସରକାରଙ୍କ ଯୋଜନା ଏବଂ ନିୟମ ଅନୁସାରେ ଗାଁରେ କିଛି ଜଣଙ୍କର ବାର୍ଦ୍ଧକ୍ୟଭତ୍ତା ପାଇବା ପାଇଁ ଯୋଗ୍ୟତା ଥିଲେହେଁ ପାଇପାରୁ ନଥିଲେ କିମ୍ବା ସେମାନଙ୍କ କାମ କରିଦେବା ପାଇଁ ମଧ୍ୟ କେହି ଆଗ୍ରହ ନେଉ ନଥିଲେ । ଏହା ଜାଣିବା ପରେ 'ଅଗ୍ରଗାମୀ' ତରଫରୁ ଦଣ୍ଡାବାଡ଼ ଗାଁରେ ଏକ ବୈଠକ କରାଗଲା । ତା'ପରେ ପ୍ରକଳ୍ପ ସଚେତକ ଶ୍ରୀ ଗୁଲା ଭୋଇ ସେମାନଙ୍କର ଯାହାସବୁ ପ୍ରମାଣପତ୍ର ଯୋଗାଡ଼ ଏବଂ ଗାଡିଭଡ଼ା କରି ସେମାନଙ୍କୁ ସଙ୍ଗରେ ଧରି କାଶୀପୁର ବ୍ଲକ୍ ଅଫିସର ସି.ଓ.ସାରଙ୍କ ପାଖକୁ ଆଣି ଆବେଦନ କରାଇଥିଲେ । ସମସ୍ତ ପ୍ରମାଣପତ୍ର ସହ ହିତାଧିକାରୀ ମାନଙ୍କର ବାର୍ଦ୍ଧକ୍ୟଭତ୍ତା ଫର୍ମ ପୂରଣ ହୋଇ ୨୪.୮.୧୫ଦିନ ବ୍ଲକ୍ ଅଫିସ୍‌ରେ ଦାଖଲ କରାଗଲା । ସି.ଓ.ସାର ସେମାନଙ୍କୁ ଦେଖିଲା ପରେ କହିଥିଲେ କି, "ଏମାନଙ୍କର ଭତ୍ତା ପାଇବା ଯୋଗ୍ୟତା ରହିଛି ତେଣୁ ନିଶ୍ଚିତ ପାଇବେ ।" ତା'ପରେ ସେମାନଙ୍କର ସମସ୍ତ ପ୍ରମାଣପତ୍ର ସବୁ ଯାଞ୍ଚ କରି ରଖିଲେ । ଆଜି ଏହାର ସଫଳତା ମିଳିଛି ଦୀର୍ଘ ୧୦/୧୧ ମାସ ପରେ । ଗତ ଜୁନ ୨୦୧୬ରେ ହିତାଧିକାରୀ ମାନେ ପ୍ରଥମ କରି ୨୦୦୦ ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ପାଇଛନ୍ତି । ସେମାନେ ହେଲେ ୧-ପଦ୍ମାଇ ମାଝୀ, ସ୍ୱାମୀ-ଛୋଟା ମାଝୀ, ୨-ଲକ୍ଷ୍ମଣ ମାଝୀ, ପିତା-ନାରଙ୍ଗା ମାଝୀ, ୩-ଆଲାଇ ମାଝୀ, ସ୍ୱାମୀ-ଦେଉତୁ ମାଝୀ, ୪-ମାଜିମାଣୀ ମାଝୀ, ସ୍ୱାମୀ-ତପୁ ମାଝୀ, ୫-ହବାଇ ମାଝୀ, ସ୍ୱାମୀ-ବାନୁ ମାଝୀ, ୬-ଫୁଲଦେଇ ମାଝୀ, ସ୍ୱାମୀ-ରାଇମଣି ମାଝୀ । ହିତାଧିକାରୀ ମାନେ ଏତେଦିନ ପରେ ନିଜର ହକ୍ ଦାବି ହାସଲ କରି ପାରିଥିବାରୁ ମନରେ ବହୁତ ଆନନ୍ଦ ଅନୁଭବ କରିବା ସାଙ୍ଗକୁ ସେମାନଙ୍କର ଏହି ସୁଫଳତା ପାଇଁ ସର୍ବୋପରି ଅଗ୍ରଗାମୀ ଏବଂ ସିଓ ସାର୍‌ଙ୍କୁ ବହୁତ ଧନ୍ୟବାଦ ଦେଇଛନ୍ତି ।

**ଅଗ୍ରଗାମୀ, ରାୟଗଡ଼ା ଜିଲ୍ଲା, କାଶୀପୁର ବ୍ଲକ୍ ସଂଯୋଜକ: ଶ୍ରୀ ଅଭିରାମ ଝୋଡ଼ିଆ**






(ବାମ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍‌ର ଚନ୍ଦ୍ରଗିରି ଗାଁରେ କାଶୀପୁର ବ୍ଲକ୍ ସଂଯୋଜକ ଶ୍ରୀ ଅଭିରାମ ଝୋଡ଼ିଆଙ୍କ ଦ୍ୱାରା ଏକ ପଞ୍ଚାୟତସ୍ତରୀୟ ମନରେଗା ଶ୍ରମିକ ଦଳ ତାଲିମ୍ କାର୍ଯ୍ୟକ୍ରମ ଚାଲିଛି । (ଡ଼ାହାଣ): ଇୟୁ-ଅଗ୍ରଗାମୀ ସୂଚନା ପ୍ରକଳ୍ପ ଅଧିନସ୍ଥ କାଶୀପୁର ବ୍ଲକ୍‌ର ଚନ୍ଦ୍ରଗିରି ପଞ୍ଚାୟତରେ ସାପ୍ତାହିକ ହାଟ କାର୍ଯ୍ୟକ୍ରମ ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ ଓ ପ୍ରଚାରପତ୍ର ବଣ୍ଟନ ଚାଲିଛି ।

### ସଚେତକ ଓ ସଂଯୋଜକଙ୍କ ଉଦ୍ୟମ ଯୋଗୁ

# ବିଧାୟକଙ୍କ ହସ୍ତକ୍ଷେପରେ ଦୁଇ ଅନାଥ ପୁଅ ଓ ଝିଅଙ୍କ ପାଠପଢ଼ା ସମ୍ଭବ ହେଲା



**ଜିଲ୍ଲା: ମାଲକାନଗିରି, ବ୍ଲକ୍: କୋରୁକୋଣ୍ଡା, ପଞ୍ଚାୟତ: ଭେଜାଗୁଡ଼ା** – ଅଭିମନ୍ୟୁ ବାଙ୍କିଆ, ଗ୍ରାମ: ବାଙ୍କିଆଗୁଡ଼ା, ପଞ୍ଚାୟତ: ଭେଜାଗୁଡ଼ା ଓ ସଂଯୁକ୍ତା ବଡ଼ନାୟକ, ଗ୍ରାମ: ପୁଲାପାଲି, ପଞ୍ଚାୟତ: ଭେଜାଗୁଡ଼ା । ଦୁହେଁ ମାଥିଲି ବ୍ଲକ୍‌ର ଅନାଥ ପୁଅଝିଅ । ଅନାଥ ଥିବା ସତ୍ତ୍ୱେ ଦୁହେଁ ନିଜ ଜୀବନରେ ହାର ମାନି ନାହାନ୍ତି । ନିଜ ଭବିଷ୍ୟତ ଗଢ଼ିବା ନିମନ୍ତେ ପାଠପଢ଼ା ଜାରି ରଖିଛନ୍ତି । ଅଭିମନ୍ୟୁ ଫୁରୁସତ ପାଇଲେ ମୂଲମଜୁରୀ କରନ୍ତି ଓ ସଂଯୁକ୍ତା ମଧ୍ୟ ପରିବାରରେ ଅନ୍ୟଭାଇ ଭଉଣୀଙ୍କୁ ପୋଷିବା ପାଇଁ ବେଳେ ବେଳେ କୁଲି କାମ କରନ୍ତି । ବହୁତ କଷ୍ଟରେ ଦୁହେଁ ଷ୍ଟାଇପେଣ୍ଡ୍ ସାହାଯ୍ୟ ଦ୍ୱାରା ଦଶମ ପାସ କଲେ ଓ +୨ କଳାରେ ମଧ୍ୟ ପାସ୍ କଲେ । କିନ୍ତୁ, +୩ କଳାରେ କଲେଜରେ ନାମ ଲେଖାଇବା ପାଇଁ ସେମାନଙ୍କ ପାଖରେ ପଇସା ନଥିଲା । ତେବେ, ସେମାନେ କଲେଜରେ ନାମ ଲେଖାଇବା ପାଇଁ ବହୁତ ଜାଗାରେ ସାହାଯ୍ୟର ଭିକ ମାଗିଥିଲେ । କିନ୍ତୁ, ସେମାନେ ସଫଳ ହୋଇପାରି ନଥିଲେ ।

ହଠାତ୍ ଇୟୁ ପ୍ରକଳ୍ପର ମଇ ୨୦୧୬ରେ ଭେଜାଗୁଡ଼ା ଠାରେ ଗୋଟିଏ କାର୍ଯ୍ୟକ୍ରମ ଚାଲିଥିଲା ଏବଂ ଏହି ଦୁହେଁ ସେହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ଇୟୁ ପ୍ରକଳ୍ପର ସଚେତକ ଏବଂ ସଂଯୋଜକଙ୍କୁ ନିଜର ଦୁଃଖ ଜଣାଇଥିଲେ । ପରେ ଇୟୁ ସଚେତକ ଶ୍ରୀ ସୀତାରାମ ଦୁରା ଓ ବ୍ଲକ୍ ସଂଯୋଜକ ଶ୍ରୀ ବିକାଶ କୁମାର ଦଣ୍ଡସେନା ସମସ୍ତେ ମିଶି ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ଡ଼ମ୍ବରୁଧର ସୀସାଙ୍କୁ ସାକ୍ଷାତ କରି ଅଭିମନ୍ୟୁ ଓ ସଂଯୁକ୍ତାର ଅସୁବିଧା ଜଣାଇଥିଲେ । ବିଧାୟକଙ୍କ ହସ୍ତକ୍ଷେପରେ ଦୁହେଁ ସରକାରୀ ସହାୟତାରେ ମାଥିଲି କଲେଜରେ +୩ କଳାରେ ବର୍ତ୍ତମାନ ପାଠପଢ଼ି ପାରୁଅଛନ୍ତି । ଏହାର କିଛିଦିନ ପରେ ବ୍ଲକ୍ ସଂଯୋଜକ ଅଭିମନ୍ୟୁ ଓ ସଂଯୁକ୍ତାଙ୍କର ଜୀବନ ସଂଘର୍ଷର ଅନୁଭୂତି ଜାଣିବାକୁ ଚାହିଁବାରୁ ଅଭିମନ୍ୟୁ କହିଥିଲେ, "କ୍ଲାସ୍ କରିବି କହିଲେ ଗୋଟିଏ ଦିନର ରୋଜଗାର ହରାଇବାକୁ ପଡୁଛି ଏବଂ କ୍ଲାସ ଯିବାଆସିବା ପାଇଁ ଖର୍ଚ୍ଚ ମଧ୍ୟ ପଡୁଛି । ଭୋକରେ ସେମିତି ଶୋଇଯିବାକୁ ପଡୁଛି ।" ସେହିଭଳି, ସଂଯୁକ୍ତାଙ୍କ ମତାମତ ଜାଣିବାକୁ ଚାହିଁବାରୁ ତାଙ୍କର ଆଖି ଛଳଛଳ ହୋଇ ସେ କିଛି କହିପାରି ନଥିଲେ । ଅଭିମନ୍ୟୁ ଓ ସଂଯୁକ୍ତା ଦୁହେଁ ଇୟୁ ପ୍ରକଳ୍ପର କର୍ମକର୍ତ୍ତାଙ୍କ ପାଖରେ ବହୁତ କୃତଜ୍ଞ ଯେ ସେମାନେ ଇୟୁ ପ୍ରକଳ୍ପର ହସ୍ତକ୍ଷେପ ଦ୍ୱାରା ଆଜି ପାଠପଢ଼ି ପାରୁଛନ୍ତି । **ହାରମୋନୀ, କୋରୁକୁଣ୍ଡା ବ୍ଲକ, ମାଲକାନଗିରି ଜିଲ୍ଲା ସଂଯୋଜକ: ଶ୍ରୀ ବିକାଶ କୁମାର ଦଣ୍ଡସେନା**

# ମନରେଗା ଶ୍ରମିକ ସଂଘର ସଫଳ କାହାଣୀ

**କଳାହାଣ୍ଡି ଜିଲ୍ଲା ମଦନପୁର-ରାମପୁର** ବ୍ଲକ ଅନ୍ତର୍ଗତ ମାଣିକେରା ପଞ୍ଚାୟତର କମଗାଁ ଗ୍ରାମଟି ସରକାରଙ୍କ ସମସ୍ତ ପ୍ରକାରର ସୁବିଧା ସହଯୋଗରୁ ବଞ୍ଚିତ ହୋଇ ଆସୁଛି । ବାରମ୍ବାର ଗ୍ରାମଲୋକ, ସରପଞ୍ଚ, ବିଡ଼ିଓଙ୍କୁ ଜଣାଉଥିଲେ ମଧ କେହି ଦୃଷ୍ଟି ଦେଉ ନଥିଲେ । ବର୍ଷାଦିନେ ଗ୍ରାମର ଖରାପ ରାସ୍ତା ଯୋଗୁ ଦଳିତ ଅବହେଳିତ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ୧୫.୦୮.୧୬ ଦିନ 'ସେବାଜଗତ' ଅନୁଷ୍ଠାନର ଇୟୁ ପ୍ରକଳ୍ପ ସଚେତକ ମମତା ଭୋଇଙ୍କ ଦ୍ୱାରା ଗଠିତ ଶ୍ରମିକ ସଂଘ ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ ନିମ୍ନଲିଖିତ ସମସ୍ୟା ଗୁଡ଼ିକ ଉପସ୍ଥାପନ କରି ଅନୁମୋଦନ କରାଇଥିଲେ: ୧. ରାସନକାର୍ଡ଼ରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ କାର୍ଡ଼ ପ୍ରଦାନ କରିବା; ୨. କମଗାଁ ଠାରୁ ରତାପାଲି ରାସ୍ତା ଏବଂ ପୋଲ ମରାମତି କରିବା; ୩. ନୂତନ ପୋଖରୀ ଖନନ ।

ଉପରୋକ୍ତ ପ୍ରସ୍ତାବକୁ ଗ୍ରାମସଭାରେ ଅନୁମୋଦନ କଲାପରେ ପୁଣି ଥରେ ପଞ୍ଚାୟତ ସମିତି ବୈଠକରେ ପ୍ରସ୍ତାବ ଉପସ୍ଥାପନ କରି ଅନୁମୋଦନ କରିବାକୁ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ଏବଂ ଅଧକ୍ଷଙ୍କୁ ଶ୍ରମିକ ସଂଘ ତରଫରୁ ଅନୁରୋଧ କରିଥିଲେ । ଶେଷରେ, ସମସ୍ତଙ୍କ ସହଯୋଗ ଦ୍ୱାରା ରତାପାଲି ରାସ୍ତାପୋଲ (୫ ଲକ୍ଷ ଟଙ୍କା) ଏବଂ ମରାମତି ସହିତ ଗାର୍ଡ଼ୱାଲ (୨ ଲକ୍ଷଟଙ୍କା)ର କାମ ଚାଲିଛି । ଏହି କାର୍ଯ୍ୟରେ ସମସ୍ତ ଶ୍ରମିକ ଭାଇଭଉଣୀ ମାନେ ମଜୁରୀ କରି କାମ କରି ଚାଲିଛନ୍ତି । ଏହି କାମ ଅନୁମୋଦନ ହୋଇ କାର୍ଯ୍ୟକାରୀ ହୋଇଥିବାରୁ 'ସେବାଜଗତ'ର ସଚେତନ କାର୍ଯ୍ୟକ୍ରମ ଏବଂ ଲୋକଙ୍କୁ ସଂଗଠିତ କରିବାର ଚେଷ୍ଟାକୁ ଗ୍ରାମବାସୀ ବୃନ୍ଦ ଅଶେଷ ଧନ୍ୟବାଦ ଜଣାଇଥିଲେ ।

**ସେବା ଜଗତ, ମଦନପୁର- ରାମପୁର ବ୍ଲକ ସଚେତକ: ସୁଶ୍ରୀ ମମତା ଭୋଇ**

# ବରକାନୀ ଗାଆଁରେ ମନରେଗା କାମର ସଫଳ କାହାଣୀ

**ଜିଲ୍ଲା : ବଲାଙ୍ଗୀର ବ୍ଲକ: ବଙ୍ଗୋମୁଣ୍ଡା, ପଞ୍ଚାୟତ : ବେଲପଡ଼ା, ଗାଁ : ବରକାନୀ** - ବଲାଙ୍ଗୀର ଏକ ଦାଦନ ପ୍ରବଣ ଜିଲ୍ଲା ଅଟେ । ଏଠାରେ ବର୍ଷାଋତୁ ପରେ ପରେ ଜିଲ୍ଲାରେ ବିଭିନ୍ନ ଗାଁ ମାନଙ୍କରେ କ୍ଷୁଦ୍ର ଓ ଉଠାଜଳସେଚନ ବ୍ୟବସ୍ଥା ନଥିବାରୁ ଶୀତଦିନିଆ ଚାଷ ନହେବା ତଥା ଗାଁରେ କାମଧନ୍ଦା ମିଳୁ ନଥିବା ସ୍ଥିତିରେ ଏହି ଜିଲ୍ଲାର ପ୍ରତ୍ୟେକ ଗାଁଆରୁ ବହୁସଂଖ୍ୟାରେ ଲୋକମାନେ ପେଟପାଟଣା ତଥା କାମଧନ୍ଦା ପାଇଁ ସପରିବାର ଅନ୍ୟାନ୍ୟ ଜିଲ୍ଲା ତଥା ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି । ବରକାନୀ ଗାଁଆରେ ଆଦିବାସୀ ପରିବାର -୫୦, ହରିଜନ ପରିବାର – ୩୦ ଏବଂ ସାଧାରଣବର୍ଗର ୭୦ଟି ପରିବାର ହୋଇ ମୋଟ୧୫୦ଟି ପରିବାର ବସବାସ କରୁଛନ୍ତି । ବରକାନୀ ଗ୍ରାମରୁ ବ୍ଲକ୍ କାର୍ଯ୍ୟାଳୟ ୧୭ କିମି ଓ ପଞ୍ଚାୟତ କାର୍ଯ୍ୟାଳୟ ୭ କି.ମି. ଥିବାରୁ ଲୋକମାନେ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାରେ ବହୁତ ଅସୁବିଧା ଭୋଗୁଥିବାରୁ ଅଧିକାଂଶ ସରକାରୀ ଯୋଜନାରୁ ବାଦ୍ ପଡୁଛନ୍ତି । ଗ୍ରାମର ଅଧିକାଂଶ ପରିବାର ଶ୍ରମିକ ଶ୍ରେଣୀର ଅଟନ୍ତି ଏବଂ ସେମାନଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅଟେ ।

ଗାଁଆର ମୋଟ ୧୫୦ଟି ପରିବାରରୁ ୧୩୦ଟି ପରିବାର ବିଭିନ୍ନ ସମୟରେ ସରକାରୀ ଯୋଜନାରେ କାମଧନ୍ଦା କରି ପରିବାର ପୋଷଣ କରୁଛନ୍ତି । ତେଣୁ, ବରକାନି ଗ୍ରାମର ବେହେରାପଡ଼ା ଠାରେ ମନରେଗା ଶ୍ରମିକ ମାନଙ୍କୁ ନେଇ 'ଅଗ୍ରଗାମୀ', ବଙ୍ଗୋମୁଣ୍ଡା, ଦ୍ୱାରା ଗତ ମଇ ମାସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଗାଁଆର ବିଭିନ୍ନ ସମସ୍ୟା ଯଥା ସ୍କୁଲ, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟ, ମନରେଗା କାମ ଆଦି ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା ପରେ ବେହେରାପଡ଼ାରେ ଦୁଇଟି ଶ୍ରମିକ ଦଳ ଗଠନ କରିବା ନିଷ୍ପତ୍ତି ହେଲା । ଶ୍ରମିକ ଦଳ (୧)- 'ଆମ ଗାଁ ଶ୍ରମିକ ଦଳ, ବରକାନୀ', ଶ୍ରମିକ ଦଳ ( ୨) – 'ଆମ ଗାଁ ଶମିକ ଦଳ, ବେହେରା ପଡା (ବରକାନୀ),' ଗଠନ କରାଗଲା । ପ୍ରତି ଦଳରେ ୧୫ ଜଣ ସଦସ୍ୟ ୫୦% ମହିଳା ଓ



୫୦% ଭାଗ ପୁରୁଷ ରହିଛନ୍ତି । 'ଆମ ଗାଁ ଶ୍ରମିକ ଦଳ, ବରକାନୀ',ରେ ଶ୍ରୀ ବିପିନ ବେହେରା ସଭାପତି ଥିବାବେଳେ ଶ୍ରୀମତୀ ପାର୍ବତୀ ବେହେରା ସମ୍ପାଦକ ଏବଂ 'ଆମ ଗାଁ ଶମିକ ଦଳ, ବେହେରାପଡ଼ା (ବରକାନୀ)'ରେ ଶ୍ରୀ ଗଙ୍ଗା ମାଝିଙ୍କୁ ସଭାପତି ଓ ଶ୍ରୀମତୀ ମୁକ୍ତା ବେହେରାଙ୍କୁ ସମ୍ପାଦକ ଭାବରେ ମନୋନୀତ କରାଯାଇଛି ।

ଦଳ ଗଠନ ପରେ ଶ୍ରମିକମାନେ ନିଜ ଅଧିକାର, ଜବ୍ ଡିମାଣ୍ଡ, ମଜୁରୀ ପାଇବା ବିଳମ୍ବ ହେଲେ କାହାକୁ ଜଣାଇବେ ସେସବୁ ଉପରେ ଜାଣି ପାରିଲେ । ଚଳିତ୨୦୧୬ ବର୍ଷରେ ଦୁଇଦଳର ମୋଟ ୩୦ ଜଣ ଶ୍ରମିକ ୩୬୦୦ ଶ୍ରମଦିବସ ପାଇଁ ଜବ୍ ଡିମାଣ୍ଡ କରି ପୋଖରୀ ଓ ରାସ୍ତାକାମରେ ୩୬୦୦ ଦିନ କର୍ଯ୍ୟଦିବସ ପାଇ ମୋଟ ସାତଲକ୍ଷ ଟଙ୍କା ରୋଜଗାର ପାଇଛନ୍ତି । ଶ୍ରମିକ ମାନେ ୨୦୧୪-୧୫ ବର୍ଷରେ କାମ କରି ବିଳମ୍ବରେ ମଜୁରୀ ଟଙ୍କା ପାଇ ଥିବାରୁ ବହୁତ ଅସୁବୁଧା ଭୋଗୁଥିଲେ । କିନ୍ତୁ, ଚଳିତ ବର୍ଷ ଠିକ୍ ସମୟରେ ମଜୁରୀ ପାଇଥିବାରୁ ବର୍ତ୍ତମାନ ସେମାନେ ବହୁତ ଖୁସୀ ଅନୁଭବ କରୁଛନ୍ତି । ଦୁଇ ଦଳର ଶ୍ରମିକମାନେ ପ୍ରତିମାସରେ ବୈଠକ ବସି କାମଧନ୍ଦା ଉପରେ ଆଲୋଚନା କରୁଛନ୍ତି । ଫଳରେ, ଦୁଇଦଳର୧୫ଟି ପରିବାର ଦେଶାନ୍ତର ଯିବାରୁ ରକ୍ଷା ପାଇଛନ୍ତି । **ଅଗ୍ରଗାମୀ, ବଲାଙ୍ଗୀର ଜିଲ୍ଲା, ବଙ୍ଗୋମୁଣ୍ଡା ବ୍ଲକ୍ ସଂଯୋଜକ: ଶ୍ରୀ ଜୟନ୍ତ କୁମାର ବାଗ**





**ଗତ ୨୫ .୧୧.୧୬ ଦିନ କଳାହାଣ୍ଡି ଜିଲ୍ଲାର ଥୁଆମୂଳ-ରାମପୁର ବ୍ଲକ ଅନ୍ତର୍ଗତ ଅଡ୍ରି ପଞ୍ଚାୟତର ସାପ୍ତାହିକ ହାଟରେ ଜନସଚେତନତା ପାଇଁ ଅଗ୍ରଗାମୀ ତରଫରୁ ହାଟ କାର୍ଯ୍ୟକ୍ରମ ଚାଲିଛି । ଏଥିରେ ପ୍ରାୟ ୧୫୦ରୁ ଅଧିକ ଲୋକ ବିଭିନ୍ନ ସମସ୍ୟା ବିଷୟରେ ପରାମର୍ଶ ଲୋଡ଼ିଥିଲେ ।**

# ନୂଆପଡା ସି.ଏ.ଜି. ତରଫରୁ ଜିଲ୍ଲାପାଳଙ୍କୁ ଦାବୀପତ୍ର

**ନୂଆପଡା ଜିଲ୍ଲା/ବ୍ଲକ: ଗତ ତା. ୨୯.୦୯.୨୦୧୬** ଦିନ ନୂଆପଡା ଜିଲ୍ଲାର ଜିଲ୍ଲା ସୂଚନା ଅଧିକାର ଅଭିଯାନ ଓ 'କଣା ଭଏଁରା ବିକାଶ ସମିତି' ତରଫରୁ ବ୍ଲକ ତଥା ଜିଲ୍ଲାର ଉନ୍ନତି ସକାଶେ ଜିଲ୍ଲାପାଳଙ୍କୁ ନିମ୍ନ ଲିଖିତ ଦାବୀପତ୍ର ଦେବା ପାଇଁ ସଭ୍ୟ/ସଭ୍ୟାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । କିନ୍ତୁ, ଜିଲ୍ଲାପାଳଙ୍କୁ ସାକ୍ଷାତ ନ ହେବାରୁ ଦାବୀପତ୍ର ଗ୍ରହଣ କରିବା ପାଇଁ କାର୍ଯ୍ୟାଳୟର ଅଧିକାରୀ ବୃନ୍ଦ ରୋକଠୋକ ମନା କରିଥିଲେ । ତେଣୁ, ସଂଗଠନ ତରଫରୁ ରେଜେଷ୍ଟ୍ରି ଡାକ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପଠାଇଥିଲେ, ଏବଂ କିଛିଦିନ ପରେ ଅନେକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ଜିଲ୍ଲାପାଳଙ୍କୁ ସାଧୁବାଦ ଜଣାଇଛନ୍ତି । ନୂଆପଡ଼ା ସି.ଏ.ଜି. ତରଫରୁ ଜିଲ୍ଲାପାଳଙ୍କୁ ନିମ୍ନଲିଖିତ ଦାବିପତ୍ର ଦିଆଯାଇଥିଲା :




୧. ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାର ଆଇନ ଅନୁଯାୟୀ ସମସ୍ତ ସରକାରୀ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଶ୍ରେଣୀଗୃହ, ପୋଷାକ, ବହି, ପିଇବାପାଣି ସହ ମଧ୍ୟାହ୍ନଭୋଜନ ଠିକ ସମୟରେ ଦିଆଯାଉ ।

୨. ନୂଆପଡ଼ା ବ୍ଲକରେ ପ୍ରାଥମିକ ବିଦ୍ୟାଳୟ ନଥିବା ଗାଁରେ ବିଦ୍ୟାଳୟ ଖୋଲିବା ସହ ମଧୁପୁର, ଟିକ୍ରାପଡ଼ା, ନୂଆଡ଼ିହି, ବାନିପଡ଼ା, ଡୁଙ୍ଗୁରିପଡ଼ା, ଚୋଟଲୋଦ୍ରା ଗ୍ରାମର ବନ୍ଦ କରା ଯାଇଥିବା ବିଦ୍ୟାଳୟକୁ ପୁନଃ ଖୋଲାଯାଉ ।

୩. ନୂଆପଡ଼ା ବ୍ଲକରେ ଅଙ୍ଗନବାଡି କେନ୍ଦ୍ର ନଥିବା ଗାଁରେ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଉ, ଅଙ୍ଗନବାଡି କର୍ମି ନଥିବା ଗାଁରେ ନିଯୁକ୍ତି ଏବଂ ଦୀର୍ଘଦିନ ଧରି ପଡି ରହିଥିବା ଅର୍ଦ୍ଧନିର୍ମିତ ଗୃହ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯାଉ ।

୪. ଯୋଗ୍ୟ ହିତାଧିକାରୀମାନଙ୍କୁ ଯଥାଶୀଘ୍ର ତୁରନ୍ତ ରାସନକାର୍ଡ ପ୍ରଦାନ କରାଯାଉ ।

୫. ମନରେଗା ଯୋଜନାର ଶ୍ରମିକ ମାନଙ୍କ ବାକିଥିବା ପାଉଣା, ଲୋକମାନଙ୍କୁ କାମ ଦେବା ସହ ପ୍ରାପ୍ୟ ଶୀଘ୍ର ଦିଆଯାଉ ।

୬. ସରକାରୀ ଯୋଜନାର ସଦ୍‌ବିନିଯୋଗ ପାଇଁ ପଲ୍ଲୀସଭା ଓ ଗ୍ରାମସଭାରେ ହିତାଧିକାରୀମାନଙ୍କ ସଠିକ୍ ଚୟନ କରାଯାଉ ।

୭. ସରକାରୀ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ସହ ଗାଁର ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଦିଆଯାଉ ।

୮. ବି.ପି.ଏଲ୍. ହିତାଧିକାରୀ ମାନଙ୍କୁ ବିଦ୍ୟୁତ ସଂଯୋଗ ସହ ମନମୁଖୀ ବିଦ୍ୟୁତ କାଟ ବନ୍ଦ କରାଯାଉ ।

**ଅଗ୍ରଗାମୀ, ନୂଆପଡ଼ା ବ୍ଲକ/ଜିଲ୍ଲା ସଂଯୋଜକ : ଶ୍ରୀ ଶତ୍ରୁଘନ ନାଏକ**

# ଗାଁରେ ସଚେତନତା ପରେ ବଢ଼ିଲା ଶିଶୁମାନଙ୍କ ଟୀକାକରଣ

**ଜିଲ୍ଲା/ବ୍ଲକ୍: ରାୟଗଡ଼ା, ପଞ୍ଚାୟତ: କୁଟୁଲୀ, ଗାଁଆ: ମାଣଧରା** - ଆଦିବାସୀ ଅଞ୍ଚଳରେ ଟୀକାକରଣ ଓ ସମସ୍ତ ଶିଶୁମାନଙ୍କର ଯତ୍ନ ନେବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ପଦକ୍ଷେପମାନ ନିଆ ଯାଉଛି । କିନ୍ତୁ, ଅନେକ ସମୟରେ ଉପଯୁକ୍ତ ସଚେତନର ଅଭାବରୁ ମହିଳାମାନେ ତାଙ୍କ ପିଲାମାନଙ୍କୁ ଟୀକାକରଣ କରାଉ ନାହାଁନ୍ତି । କାହା କାହା ମନରେ ବି ଅନ୍ଧବିଶ୍ୱାସ ଅଛି ଯେ କାଳେ ମୋ ପିଲାର କିଛି କ୍ଷତି ହେବ । ଟୀକାଦେବା ପାଇଁ ଆଦିବାସୀ ମହିଳାମାନଙ୍କୁ ମଧ୍ୟ ଠିକ୍ ଭାବରେ ସଚେତନ କରା ଯାଉନାହିଁ ଯାହା ଫଳରେ ସରକାରଙ୍କ ଦୀର୍ଘମିଆଦି ଯୋଜନା ସଫଳ ହୋଇ ପାରୁନାହିଁ । ରାୟଗଡା ବ୍ଲକ୍‌ରେ ଅଗ୍ରଗାମୀ ଗତ ୨.୫ ବର୍ଷ ଧରି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସଚେତନା କାର୍ଯ୍ୟକ୍ରମ ଚଳେଇ ଆସୁଅଛି । ଅନେକାଂଶରେ ଏଥିରେ ସଫଳ ମଧ୍ୟ ହୋଇଛି । ଉଦାହରଣ ସ୍ୱରୁପ, ରାୟଗଡା ଜିଲ୍ଲାର କୁଟୁଲୀ ପଞ୍ଚାୟତର ସବୁଠାରୁ ଦୁରବର୍ତ୍ତୀ ଗାଁ ମାଣଧରା ଲୋକସଂଖ୍ୟା ୪୦୦ରୁ ଉର୍ଦ୍ଧ୍ୱ ଛୋଟ ଶିଶୁମାନଙ୍କୁ ଟୀକାକରଣ ପାଇଁ ଏ.ନ.ଏମ. ଆସିଲେ ଗାଁରୁ କାଁ ଭାଁ ୨-୪ ଜଣ ମହିଳା ତାଙ୍କ ପିଲାଙ୍କୁ ଆଣି ଟୀକାକରଣ କରନ୍ତି । 'ଅଗ୍ରଗାମୀ' ଅନୁଷ୍ଠାନ ଦ୍ୱାରା ଗଠନ କରା ଯାଇଥିବା 'ନାଗରିକ ଚେତନା ମଞ୍ଚ'ର କର୍ମକର୍ତ୍ତାଙ୍କ ପ୍ରଚେଷ୍ଟା ପରେ ଏହି ଗାଁରେ ସଚେତନା ବୃଦ୍ଧି ପାଇଛି ଓ ଅନେକ ମାଆ ଓ ଶିଶୁ ରୋଗ ପ୍ରତିରୋଧକ ଟୀକା ନେଉଛନ୍ତି । **ଅଗ୍ରଗାମୀ, ରାୟଗଡ଼ା ବ୍ଲକ/ଜିଲ୍ଲା ସଂଯୋଜକ: ଶ୍ରୀ ଶ୍ରୀନିବାସ ଦାସ**



# ବିଡ଼ିଓ ଏବଂ ଯୋଗାଣ ନିରୀକ୍ଷକଙ୍କୁ ଦରଖାସ୍ତ ଦେବାରୁ ରାସନକାର୍ଡ ପାଇଲେ



**ଜିଲ୍ଲା:ନୂଆପଡ଼ା, ବ୍ଲକ:ବୋଡ଼େନ, ପଞ୍ଚାୟତ: ସୁନାପୁର,ଗାଁଆ: ଦର୍ଲିପଡ଼ା** - ଦର୍ଲିପଡା ଗ୍ରାମଟି ବ୍ଲକ୍ ଠାରୁ ୭ କି.ମି. ଦୂରତାରେ ଅବସ୍ଥିତ । ଗ୍ରାମରେ ସମସ୍ତେ ଆଦିବାସୀ ଅଟନ୍ତି । ଏହି ଗ୍ରାମର ମୋଟ ଘରସଂଖ୍ୟା ୩୨ ଏବଂ ମୋଟ ଜନସଂଖ୍ୟା ୨୨୬ । ଗ୍ରାମବାସୀ ମାନଙ୍କର ମୁଖ୍ୟ ରୋଜଗାର ପନ୍ଥା କୁଲି ମଜୁରୀ ଏବଂ ଚାଷ ଅଟେ । ଏମାନେ ସମସ୍ତେ ଗରିବ ଶ୍ରେଣୀର ଓ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଗତବର୍ଷ ମରୁଡ଼ି ସମସ୍ୟା ଦେଖାଦେଇ ଥିବାରୁ ଭୟଙ୍କର ଅନାହାର ଓ ପୁଷ୍ଟିହୀନତା ସ୍ଥିତି ସୃଷ୍ଟି ହୋଇଛି । ଏହି ଗ୍ରାମରେ 'ଚଲେ ଚଲୋ' ସଂସ୍ଥା ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୨୫ ଜଣ ମହିଳା ଓ ପୁରୁଷ ଏହି ସଭାରେ ଉପସ୍ଥିତ ଥିଲେ । ଲୋକମାନେ ଗାଁର ବିଭିନ୍ନ ସମସ୍ୟା ଯଥା, ଯୋଗ୍ୟ ବ୍ୟକ୍ତିମାନଙ୍କୁ ରାସନ କାର୍ଡ ମିଳିନାହିଁ ବୋଲି ଜଣାଇବାରୁ ସେମାନଙ୍କୁ ଏଥିନେଇ ଲିଖିତ ଆକାରରେ ବିଡ଼ିଓ ଏବଂ ଯୋଗାଣ ନିରିକ୍ଷକଙ୍କୁ ଦରଖାସ୍ତ ଦେବା ପାଇଁ ଅବଗତ କରାଇଥିଲୁ । ସେହି ଅନୁସାରେ ଗାଁଆର ୧୦/୧୨ ଜଣ ଲୋକ ଯାଇ ବିଡ଼ିଓ ଏବଂ ଯୋଗାଣ ନିରୀକ୍ଷକଙ୍କୁ ଦାବିପତ୍ର ଦେଇଥିଲେ ଓ ଲୋକମାନେ ରାସନକାର୍ଡ଼ ପାଇ ନ ଥିବା ସମ୍ପର୍କରେ ଜଣାଇଥିଲେ । ଏହାପରେ ବିଡ଼ିଓ ତଦନ୍ତ କରି ହିତାଧିକାରୀଙ୍କୁ ରାସନକାର୍ଡ଼ ଦିଆଯିବ ଏବଂ ସମସ୍ତଙ୍କୁ ୨/୩ ମାସ ଭିତରେ ରାସନକାର୍ଡ଼ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ବର୍ତ୍ତମାନ ସେହି ଦାବିପତ୍ର ଦାଖଲ ପରେ ଗାଁରୁ ମୋଟ ୧୯ ଜଣ ହିତାଧିକାରୀ ରାସନକାର୍ଡ଼ ପାଇଛନ୍ତି ।

**ଚଲେଚଲୋ, ନୂଆପଡ଼ା ଜିଲ୍ଲା, ବୋଡେନ୍ ବ୍ଲକ୍ ସଂଯୋଜକ: ଶ୍ରୀ ତୁଷାର ବିଶି**

# ଇୟୁ ସୂଚନା ପ୍ରକଳ୍ପର ପ୍ରଭାବ ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ପଡ଼ିଲା

ଗଜପତି ଜିଲ୍ଲା ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ଲାଇଲାଇ ପଞ୍ଚାୟତର ବିସମପାଡୁ ଗାଁଆ । ସେହି ଗ୍ରାମରେ ୩୭ ଗୋଟି ପରିବାର ବସବାସ କରନ୍ତି । ଗ୍ରାମରେ ଅଛି ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଗୋଟିଏ ପ୍ରାଥମିକ ବିଦ୍ୟାଳୟ । ଗ୍ରାମବାସୀଙ୍କ କହିବା ଅନୁସାରେ ଅଙ୍ଗନୱାଡ଼ି କେନ୍ଦ୍ରଟି ଦୀର୍ଘ ଏକବର୍ଷ ହେଲା ଖୋଲା ଯାଇନାହିଁ । ସେଠିକାର କର୍ମୀ ରହେ କେନ୍ଦ୍ରଠାରୁ ୩୫ କି.ମି. ଦୂରରେ ଥିବା ପାରଳାଖେମୁଣ୍ଡି ସହରରେ ଏବଂ ଏଥିପାଇଁ କେନ୍ଦ୍ରରେ ଛୋଟଛୁଆଙ୍କୁ ଶିଖେଇବାକୁ ଥିବା ଖେଳ,



ଜିଲ୍ଲାପାଳ ଅଭିଯୋଗ ଦିବସରେ ଲିଖିତ ଅଭିଯୋଗ ପ୍ରଦାନ ପରେ ଶ୍ରୀ ଜଗନ୍ନାଥ ଶବର ପାଇଥିବା ଅଭିଯୋଗର ରସିଦ୍‌ଟି ଦେଖାଉଛନ୍ତି ।

ନାଚ, ଗୀତ ଏବଂ ପାଠପଢ଼ାରୁ ଛୁଆମାନେ ବଞ୍ଚିତ ହୁଅନ୍ତି । ଏହି ଖବର ଜାଣିବା ପରେ ଇୟୁ-ଅଗ୍ରଗାମୀ ପ୍ରକଳ୍ପର କର୍ମୀ ତାହାରି ଉପରେ ଜିଲ୍ଲାପାଳଙ୍କ ଶୁଣାଣୀ ଦିନ ଏକ ଲିଖିତ ଅଭିଯୋଗ କରିବା ପାଇଁ କହିଥିଲେ । ଏହାପରେ ଗାଁରୁ କିଛି ଜଣ ପାରଳାଖେମୁଣ୍ଡି ଯାଇ ଶୁଣାଣୀ ଦିନ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ ।

ଏହାର କିଛିଦିନ ପରେ ଆଇସିଡ଼ିଏସ୍ ସୁପରଭାଇଜରଙ୍କ ସହ ବିଷମପାଡୁ ଗ୍ରାମରେ ଏକ ବୈଠକ ବସିଥିଲା । ଏହି ବୈଠକରେ ଗ୍ରାମର ଲୋକେ ଅଙ୍ଗନୱାଡ଼ି କର୍ମୀଙ୍କ ବିଷୟରେ ତୀବ୍ର ବିରୋଧ କରିଥିଲେ । ଏହି ବୈଠକରେ ଅଙ୍ଗନୱାଡ଼ି କର୍ମୀଙ୍କୁ ସୁପରଭାଇଜର୍ ଦିଦି ପ୍ରବଳ ଗାଳି କରିଥିଲେ ଏବଂ ଏହିପରି ଘଟଣା ପୁନର୍ବାର ନହେବା ପାଇଁ ଚେତାବନୀ ଦେଇଥିଲେ । ଯଦି ତାହା ପୁନର୍ବାର ହେବ ତା'ହେଲେ ଅଙ୍ଗନୱାଡ଼ି କର୍ମୀର ଚାକିରୀ ଯିବ ବୋଲି ଆଇସିଡ଼ିଏସ୍ ସୁପରଭାଇଜର୍ ରୋକ୍‌ଠୋକ୍ ଚେତାବନୀ ଦେଇଥିଲେ । ତାହାର କିଛିଦିନ ପରେ, ଗ୍ରାମଲୋକଙ୍କ କହିବାନୁଯାୟୀ, ଅଙ୍ଗନୱାଡ଼ି ଦିଦି କେନ୍ଦ୍ରରେ ପୋଷାକ ବଣ୍ଟନ କରିଛନ୍ତି ଏବଂ ନିୟମିତ କେନ୍ଦ୍ରକୁ ଯାଇ ପାଠପଢ଼ା ଦାୟୀତ୍ୱ ସମ୍ପାଦନ କରୁଛି ବୋଲି ଜଣାଯାଇଛି ।

**ଏସ୍. ଡବ୍ଲ୍ୟୁ. ଡବ୍ଲ୍ୟୁ.ଏସ୍., ରାୟଗଡ଼ ବ୍ଲକ, ଗଜପତି ଜିଲ୍ଲା ସଂଯୋଜକ: ଶ୍ରୀ ପ୍ରମୋଦ କୁମାର ପଣ୍ଡା**

ଧରିତ୍ରୀ : ୧୧.୦୯.୧୬

# ଆରଟିଆଇ ଶୋଷଣ, ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାର ସୁଯୋଗ ଦେବ

ଭୁବନେଶ୍ୱର, (ବ୍ୟୁରୋ)– ସାରା ବିଶ୍ୱରେ ଲୋକଙ୍କ ନିକଟରେ ଠିକ୍ ସୂଚନା ଯଥା ସମୟରେ ପହଞ୍ଚୁ ପାରୁନାହିଁ। ଠିକ୍ ସୂଚନା ଠିକ୍ ସମୟରେ ପହଞ୍ଚିଲେ ଲୋକଙ୍କ ସାମର୍ଥ୍ୟ ବୃଦ୍ଧି ପାଇବାରେ ସହାୟକ ହୋଇପାରିବ। ଏହା ଶୋଷଣ ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀ କହିଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ 'ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରକଳ୍ପର ରାଜ୍ୟସ୍ତରୀୟ ସୂଚନା ଅଧିକାର ମଞ୍ଚ ଗଠନ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ସେ ଏହା କହିଥିଲେ। ପ୍ରାରମ୍ଭରେ ଆୟୋଜକ ଅଗ୍ରଗାମୀର ନିର୍ଦ୍ଦେଶକ ଅଚ୍ୟୁତ ଦାସ କହିଥିଲେ ଯେ, ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ହେଉଛି ଦେଶର ଏକ ଯୁଗାନ୍ତକାରୀ ପଦକ୍ଷେପ। ସୂଚନା ଅଧିକାର ଆଇନକୁ ଦୁର୍ବଳ କରିଦେବାକୁ ଚେଷ୍ଟା ଚାଲିଛି। ଲୋକମାନଙ୍କ ପାଖରେ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ନ ପହଞ୍ଚିବାରୁ ନଗଡ଼ା ଭଳି ଘଟଣା ଘଟୁଛି ବୋଲି ସେ ମତ ଦେଇଥିଲେ। କର୍ମଶାଳାରେ ପୂର୍ବତନ ସୂଚନା କମିଶନର ପ୍ରଫେସର ରାଧାମୋହନ, ଜଗଦାନନ୍ଦ, ସମାଜିକ କର୍ମୀ ପ୍ରୁମି ଡାନିଏଲ୍, ପୂର୍ବତନ ଡି.ଜି. ତଥା ସ୍ତମ୍ଭକାର ବିପିନ ବିହାରୀ ମିଶ୍ର, ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର, ପ୍ରଫେସର ଦିଗମ୍ବର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଗଜପତି, ଫୁଲବାଣୀ, ନୂଆପଡ଼ା, ମୟୂରଭଞ୍ଜ, କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲ୍ଲାରୁ ପ୍ରତିନିଧିମାନେ କର୍ମଶାଳାରେ ଯୋଗଦେଇଥିଲେ।




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।




ଅଗ୍ରଗାମୀ ତରଫରୁ ରାଜ୍ୟସ୍ତରୀୟ ସୂଚନା ଅଧିକାର ଫୋରମ୍ ଗଠନ କାର୍ଯ୍ୟକ୍ରମରେ ରାଜ୍ୟ ସୂଚନା କମିଶନର୍ ଶ୍ରୀମତୀ ଶଶିପ୍ରଭା ବିନ୍ଧାଣୀଙ୍କ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ଫୁଲବାଣୀରେ ଜିଲ୍ଲାସ୍ତରୀୟ ଫୋରମ୍ କର୍ମଶାଳା

# ସୂଚନା ଅଧିକାର ଆଇନ ଲୋକାଭିମୁଖୀ ହେବା ଜରୁରୀ

ଫୁଲବାଣୀ,୮।୧୦(ଇମିସ):ସ୍ଥାନୀୟ ସାମ୍ବାଦିକ ଭବନଠାରେ ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ଫୋରମ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ସ୍ୱେଚ୍ଛାସେବୀ ଅଶୋକ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଅଗ୍ରଗାମୀ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ସରକାରୀ ଯୋଜନା ସମ୍ପର୍କିତ ସୂଚନା ପାଇବା କାର୍ଯ୍ୟକ୍ରମର ପ୍ରକଳ୍ପ ସଂଯୋଜକ ଅଚ୍ୟୁତ ଦାସ ଯୋଗ ଦେଇ ସୂଚନା ଅଧିକାର ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ପ୍ରଶାସନିକ ଅବହେଳା ଯୋଗୁଁ ଯୋଜନା ସବୁ ତୃଣମୂଳସ୍ତରରେ ପହଞ୍ଚି ପାରୁ ନାହିଁ। ଯାହା ଫଳରେ ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଯୋଜନାରୁ ଲୋକମାନେ ସୁଫଳ ପାଇ ପାରୁ ନାହାନ୍ତି। ମନରେଗା କାମ କରି ମାସମାସ ଧରି ଶ୍ରମିକମାନେ ମଜୁରି ପାଇ ପାରୁ ନାହାନ୍ତି। ବିଜୁ ପକାଘର,ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଆରମ୍ଭ କରି ରାସନକାର୍ଡ ପାଇବାର ନିୟମ ସମ୍ପର୍କରେ ଲୋକମାନେ ଜାଣି ପାରୁ ନାହାନ୍ତି। ଏଥି ନିମନ୍ତେ ସୂଚନା ଅଧିକାର ଆଇନର ବ୍ୟବହାର ହେବାର ଆବଶ୍ୟକତା ରହିଛି। ହେଲେ ଲୋକମାନେ ଏହି ଆଇନ ସମ୍ପର୍କରେ ଅବଗତ ନୁହନ୍ତି। ତେଣୁ ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ସୂଚନା ଅଧିକାର ଆଇନର ପ୍ରଚାର ଓ ପ୍ରସାର ହେବା ଦରକାର ବୋଲି ଶ୍ରୀ ଦାସ କହିଥିଲେ। ସରକାରୀ ଯୋଜନାରୁ ଫାଇଦା ପାଇବା ଓ ନିଜର ଅଧିକାର ସାବ୍ୟସ୍ତ ନିମନ୍ତେ କନ୍ଧମାଳ ଜିଲ୍ଲାରେ ସୂଚନା ଅଧିକାର ଆଇନ ଲୋକାଭିମୁଖୀ ହେବା ଜରୁରୀ ହୋଇ ପଡିଛି। ତେଣୁ ସୂଚନାକର୍ମୀମାନେ ଏ ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ଓ ସମାଜସେବୀ ଅନନ୍ତଚରଣ ମିଶ୍ର ଯୋଗ ଦେଇ ସୂଚନା ଅଧିକାର ଆଇନର ବିଭିନ୍ନ ଦିଗ ଓ ତାର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ସାମୁହିକ ସ୍ୱାର୍ଥ ନିମନ୍ତେ ଏହି ଆଇନର ଅଧିକ ବ୍ୟବହାର ହେବା ଦରକାର। ହେଲେ କେତେକ କ୍ଷେତ୍ରରେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସୂଚନା ଅଧିକାର ଆଇନକୁ ବ୍ୟବହାର କରାଯାଉଥିବାରୁ ସେମାନେ ଉଦବେଗ ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସୂଚନା ଓ ସାମାଜିକ କର୍ମୀ ଏବଂ ସ୍ୱେଚ୍ଛାସେବୀ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।




ସମ୍ବାଦ : ୯.୧୦.୧୬

ଧରିତ୍ରୀ ୧୭.୩.୧୬, ପୃଷ୍ଠା-୧୬



## ବିଧାନସଭା ହାଲଚାଲ

# ୪୫୫୩୫ ଶିଶୁ କୁପୋଷଣର ଶିକାର

ଭୁବନେଶ୍ୱର,୧୬।୩ (ନି.ପ୍ର.): ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ଯାବତୀୟ ଅନୁଦାନ ପ୍ରଦାନ କରାଯାଉଛି । ପ୍ରତି ମାସରେ ୨୫ ଦିନ ପାଇଁ ପରିପୂରକ ପୁଷ୍ଟିକର ଖାଦ୍ୟ ଦିଆଯାଉଛି । ଏହା ସତ୍ତ୍ୱେ ରାଜ୍ୟର ୪୫୫୩୫ ଶିଶୁ ଭୟଙ୍କର କୁପୋଷଣ ଶିକାର ହୋଇଛନ୍ତି ।

କୋରାପୁଟ ଜିଲାରେ ସର୍ବାଧିକ ୪୮୪୮ ଶିଶୁ କୁପୋଷଣର ଶିକାର ହୋଇଥିବାବେଳେ ଜଗତ୍‌ସିଂହପୁର ଜିଲାରେ ସର୍ବନିମ୍ନ ୧୫୩ ଶିଶୁ ଏହି ବର୍ଗରେ ରହିଛନ୍ତି । ବିଧାନସଭାରେ ନବକିଶୋର ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ରଖିଛନ୍ତି ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଉଷା ଦେବୀ ।

ମନ୍ତ୍ରୀଙ୍କ ସୂଚନା ଅନୁସାରେ ରାଜ୍ୟରେ କୁପୋଷଣର ଶିକାର ହେଉଥିବା ଶିଶୁମାନଙ୍କୁ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ପ୍ରତିମାସରେ ଚିହ୍ନଟ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ଏମ୍‌ୟୁଏସି ମାପଦଣ୍ଡ ଅନୁସାରେ ଏହି ଚିହ୍ନଟ କରାଯାଉଥାଏ। ଗତ ୨୦୧୫ ଡିସେମ୍ବର ୩୧ ତାରିଖ ସୁଦ୍ଧା ରାଜ୍ୟରେ ୪୫୫୩୫ ଶିଶୁଙ୍କୁ

| ଜିଲା | ଶିଶୁ ସଂଖ୍ୟା | ଜିଲା | ଶିଶୁ ସଂଖ୍ୟା |
|---|---|---|---|
| ଅନୁଗୋଳ | ୬୯୭ | କେନ୍ଦ୍ରାପଡ଼ା | ୩୬୪ |
| ବାଲେଶ୍ୱର | ୬୪୩ | କେନ୍ଦୁଝର | ୩୨୮୭ |
| ବରଗଡ଼ | ୧୩୮୬ | ଖୋର୍ଦ୍ଧା | ୬୯୭ |
| ଭଦ୍ରକ | ୯୪୨ | କୋରାପୁଟ | ୪୮୪୮ |
| ବଲାଙ୍ଗୀର | ୨୩୩୦ | ମାଲକାନଗିରି | ୨୧୦୪ |
| ବୌଦ୍ଧ | ୨୦୬ | ମୟୂରଭଞ୍ଜ | ୩୩୪୧ |
| କଟକ | ୪୨୨ | ନୂଆପଡ଼ା | ୨୫୫୩ |
| ଦେବଗଡ଼ | ୨୮୪ | ନବରଙ୍ଗପୁର | ୩୭୭୩ |
| ଢେଙ୍କାନାଳ | ୩୭୩ | ନୟାଗଡ଼ | ୩୭୯ |
| ଗଜପତି | ୯୩୭ | କନ୍ଧମାଳ | ୧୫୨୮ |
| ଗଞ୍ଜାମ | ୧୪୦୩ | ପୁରୀ | ୧୬୨ |
| ଝାରସୁଗୁଡ଼ା | ୫୮୧ | ରାୟଗଡ଼ା | ୩୧୧୬ |
| ଯାଜପୁର | ୮୯୪ | ସମ୍ବଲପୁର | ୨୭୧ |
| ଜଗତ୍‌ସିଂହପୁର | ୧୫୩ | ସୋନପୁର | ୧୬୫ |
| କଳାହାଣ୍ଡି | ୪୧୪୫ | ସୁନ୍ଦରଗଡ଼ | ୩୫୫୧ |

ଅତିଶୟ ପୁଷ୍ଟିହୀନତାର ଶିକାର ହୋଇଛନ୍ତି । ରାୟଗଡ଼ା, କନ୍ଧମାଳ, ନବରଙ୍ଗପୁର, ନୂଆପଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କଳାହାଣ୍ଡି, ବଲାଙ୍ଗିର ପରି ଜିଲାଗୁଡ଼ିକରେ ଏହି ସ୍ଥିତି ବେଶ୍ ସଙ୍ଗିନ। କୁପୋଷଣ ହ୍ରାସ ନିମନ୍ତେ ୨୦୦୯-୧୦ରୁ ୨୦୧୪-୧୫ ବର୍ଷରେ ୬ମାସରୁ ୬ ବର୍ଷର ଶିଶୁଙ୍କୁ ପରିପୂରକ ପୁଷ୍ଟିକର ଯୋଜନାରେ ପ୍ରତିମାସ ୨୫ ଦିନ ପାଇଁ ପରିପୂରକ ପୁଷ୍ଟିକର ଖାଦ୍ୟ ଛତୁଆ, ରାଶି ଲଡ୍ଡୁ, ଅଣ୍ଡା, ଗରମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଶିଶୁଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଅତିଶୟ କୁପୋଷଣର ଶିକାର ଶିଶୁଙ୍କୁ ଏନ୍‌ଆରସିରେ ଚିକିତ୍ସା ଓ ଯତ୍ନ ନିଆଯାଉଛି। ଏହାବ୍ୟତୀତ ଅଙ୍ଗନବାଡ଼ିସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ଏବଂ କୁପୋଷଣର ଶିକାର ହେଉଥିବା ଶିଶୁ ସଂଖ୍ୟା ହ୍ରାସ ପାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

# Rural poor unaware of govt schemes

**Bhubaneswar:** A conference on nutritional and income security of underprivileged communities here Saturday claimed that the public is unaware of many government schemes and is unable to reap the benefits. Speakers at the conference pointed out that the situation is alarming in rural areas where underprivileged communities, due to their lack of education, have not even heard about many government schemes. "Many poor people living in rural areas are unaware about several welfare projects. So we are doing a project titled 'Addressing Nutritional And Income Insecurity of Underprivileged Communities' for improving the access to information on government schemes in rural areas. The project sponsored by European Union will cover 1000 villages in 10 of the most under developed districts in the state," said Vidhya Das, joint director of Agragamee, the NGO which is conducting the project.

ଓଡ଼ିଶା ପୋଷ୍ଟ : ୧୧.୦୯.୨୦୧୬



# କାଶୀପୁରରେ ରାଜ୍ୟସ୍ତରୀୟ ମହିଳା ସମାବେଶ

ପର୍ଯ୍ୟବେକ୍ଷକ Bhubaneswar Tuesday December 13



the pioneer capital

BHUBANESWAR | WEDNESDAY | DECEMBER 14, 2016

# Rayagada women meet takes up host of issues

## 250 underprivileged women share views

PNS ■ RAYAGADA

A State level women three-day convention on tribal issues was organised at Kashipur from December 9 to 11 by NGO Agragamee.

250 women members belonging to underprivileged and weaker sections from 10 districts participated and shared their views on education, health, NREGS, ICDS and general governance.

Inaugurating the convention, Odisha State Food Commission Chairman Ragalal Jamuda told that due to lack of food and nutrition, deaths of children took place on a massive scale in Malkanigiri and Nagada of Jajpur district.

He suggested increasing intake of nutritious food and resistance capacity to various diseases among women and children. He also laid stress on changing of the food habit of the tribals.

Eminent social activist Bidutlata Huika spoke about NREGS mess, former district Collector Gadadhar Parida about good governance, RTE Forum convenor and member-secretary, Sikshasandhan Anil Pradhan on RTE, Dr Chandan Kumar Singh on adult literacy and provision of Saakhar Bharat, Dr Narendra Mishra on education in tribal area, CDMO Dr Sarat Bandhu Mohapatra and Dr BLN Prusty on health issue and Government provision in rural and tribal areas, Sabaramatee on agriculture, Roshnara Mohanty and Mukunda Sahu on NREGS and Achyut Das on self-governance by the tribals.

## ଇୟୁ ପ୍ରତିନିଧିଙ୍କ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ ୨୩-୨୭ .୦୯.୨୦୧୬





(ଉପର) ଇୟୁ ପ୍ରକଳ୍ପ ପ୍ରତିନିଧି ଶ୍ରୀ ଜୋସ୍ ଡି ଲୁସେନା କଳାହାଣ୍ଡି ଜିଲ୍ଲା ଏଡିଏମ୍ ଏବଂ (ତଳେ) ଗ୍ରାମବାସୀଙ୍କ ଠାରୁ ପଚାରି ବୁଝୁଛନ୍ତି।



ପର୍ଯ୍ୟବେକ୍ଷକ www.paryabekhyak.com

ଭୁବନେଶ୍ୱର ରବିବାର, ୧୧, ୨୦୧୬ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 | Vol.19 . No.214 Bhubaneswar Sunday, September 11 2016

# ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପାଇବା ପ୍ରକଳ୍ପର ରାଜ୍ୟସ୍ତରୀୟ ସୂଚନା ଅଧିକାର କର୍ମଶାଳା



Transform your Dream into Reality through Professional Career





(ବାମ) ଶ୍ରୀ ଲୁସେନା ବଲାଙ୍ଗୀର ଜିଲ୍ଲାର ବେଲପଡା ବ୍ଲକ ବି.ଇ.ଓ. ଏବଂ (ଡାହାଣ) କାନୁଟ ପଞ୍ଚାୟତର ମୁରିବାହାଲ ଗ୍ରାମବାସୀଙ୍କଠାରୁ ପ୍ରକଳ୍ପ ଅଗ୍ରଗତି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରୁଛନ୍ତି।

# ବ୍ଲକ୍ ସୂଚନାକେନ୍ଦ୍ରର ହସ୍ତକ୍ଷେପ ପରେ ହିତାଧିକାରୀଙ୍କୁ ମିଳିଲା ଖାଉଟୀକାର୍ଡ଼



**ଜିଲ୍ଲା: କୋରାପୁଟ, ବ୍ଲକ୍: ଦଶମନ୍ତପୁର, ପଞ୍ଚାୟତ: ଚିକାମ୍ବ** – ଆଗରୁ ଆବେଦନ କରିଥିବା ନୂଆ ରାସନ କାର୍ଡ଼ ଯେତେବେଳେ ବଣ୍ଟାଗଲା ସେଥିରୁ ଚିକାମ୍ବ ପଞ୍ଚାୟତର କେତୋଟି ଗାଁଆର ନିହାତି ପାଇବା କିଛି କିଛି ହିତାଧିକାରୀଙ୍କୁ କାର୍ଡ଼ ମିଳିନାହିଁ ବା କୌଣସି କାରଣରୁ ନୂଆକାର୍ଡ଼ ପାଇବାରୁ ସେମାନେ ବାଦ୍ ପଡ଼ିଛନ୍ତି । ସେମାନେ ଠିକ୍ ସମୟରେ ଆବେଦନ କରିଥିଲେ ଏବଂ ସବୁକିଛି ଠିକ୍‌ଠାକ୍ ଥିଲା । କିନ୍ତୁ, ଯୋଗ୍ୟ ହିତାଧିକାରୀ ଭାବେ ଏହିସବୁ ଗାଁର ଅନ୍ୟମାନେ ସମସ୍ତେ ଯେତେବେଳେ କାର୍ଡ଼ ପାଇଲେ କେଉଁ କାରଣରୁ ସେମାନଙ୍କୁ କାର୍ଡ଼ ମିଳିଲା ନାହିଁ ବୋଲି ଏହି ଅସହାୟ, ନିରକ୍ଷର, ଅତି ଗରୀବ ପରିବାର ମାନେ ବୁଝିପାରିଲେ ନାହିଁ । ପଞ୍ଚାୟତ ଅଫିସ ଠାରୁ ଆରମ୍ଭ କରି ବ୍ଲକ୍ ଅଫିସ ପର୍ଯ୍ୟନ୍ତ ଯାହାକୁ ପଚାରିଲେ କେହି ସୂଚନା ଦେବାକୁ ନାରାଜ ।

ବୁଝୁବୁଝୁ ଜଣାପଡ଼ିଲା ଯେ ଚିକାମ୍ବ ପଞ୍ଚାୟତର ୪-୫ଟି ଗାଁଆ ଯଥା ପିରିମାଛି – ୫ ଜଣ, ତଳଗଦଲା -୩, ଉପରଗଦଲା – ୪, ମାଙ୍କଡ଼ମୁଣ୍ଡି – ୫, ଝଲାଗୁଡ଼ା ୩, ଗୁନର – ୫, ବନାଶିଲ – ୪ ପାଇ ନଥିଲେ । ଖାଉଟୀ କାର୍ଡ଼ ସ୍ଥିତି ଜାଣିବା ପାଇଁ ନିମ୍ନଲିଖିତ ଗ୍ରାମର ହିତାଧିକାରୀ ମାନେ ଅଗ୍ରଗାମୀ ବ୍ଲକ୍ ସୂରନା କେନ୍ଦ୍ର ଦଶମନ୍ତପୁରର ସହାୟତା ଲୋଡ଼ିଥିଲେ । ସୂଚନା କେନ୍ଦ୍ର ହିତାଧିକାରୀଙ୍କ ଅନୁରୋଧ କ୍ରମେ ଇଂଟରନେଟ୍ ତଥ୍ୟ ବାହାର କରିଥିଲେ । ଏଥିରୁ ଜଣାଗଲା ଯେ ଉକ୍ତ ସେମାନଙ୍କର ଖାଉଟୀକାର୍ଡ଼ ପାଇବାଯୋଗ୍ୟ ହିତାଧିକାରୀ ତାଲିକାରେ ନାମ ଥିବାର ଜଣା ପଡ଼ିଥିଲା । ଏହି ତଥ୍ୟକୁ ଭିତ୍ତିକରି ତତ୍କାଳୀନ ବିଡ଼ିଓ ଦଶମନ୍ତପୁର ମହୋଦୟଙ୍କୁ ହିତାଧିକାରୀମାନେ ଅଭିଯୋଗ କରି କହିଥିଲେ ଯେ, "ଆମ୍ଭ ମାନଙ୍କର ଯୋଗ୍ୟ ହିତାଧିକାରୀ ତାଲିକାରେ ନାମ ଥାଇ ମଧ୍ୟ ଆମ୍ଭଙ୍କୁ ଖାଉଟୀ କାର୍ଡ଼ କାହିଁକି ମିଳିନାହିଁ, ଏହାର ତଦନ୍ତ କରି ଆମ୍ଭମାନଙ୍କୁ ନୂତନ ଖାଉଟୀକାର୍ଡ଼ ଦିଆଯାଉ ।" ହିତାଧିକାରୀ ମାନଙ୍କ ଅଭିଯୋଗକୁ ଶୁଣି ବିଡ଼ିଓ ଦଶମନ୍ତପୁର ସାତଦିନ ଭିତରେ ତୁମ୍ଭମାନଙ୍କର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଅଭିଯୋଗର ୧୦ ଦିନ ପରେ ପିଇଓ ଚିକାମ୍ବ ପଞ୍ଚାୟତର ଉପରୋକ୍ତ ଗାଁ ଗୁଡ଼ିକର ୧୫-୧୬ ଜଣ ହିତାଧିକାରୀଙ୍କୁ ନୂତନ ଖାଉଟୀ କାର୍ଡ଼ ପ୍ରଦାନ କରିଥିଲେ । ହିତାଧିକାରୀ ମାନେ ଖାଉଟୀ କାର୍ଡ଼ ପାଇ ବ୍ଲକ୍ ସୂଚନା କେନ୍ଦ୍ରର ଏଭଳି ସହଯୋଗ ଏବଂ ଜନହିତକର ପଦକ୍ଷେପକୁ ଭୂୟସି ପ୍ରଶଂସା କରିଥିଲେ ।

**ଅଗ୍ରଗାମୀ, ଦଶମନ୍ତପୁର ବ୍ଲକ, କୋରାପୁଟ ଜିଲ୍ଲା ସଂଯୋଜକ: ଶ୍ରୀ ଅତୁଲ କୁମାର ନାୟକ**

# ପଞ୍ଚାୟତବାସୀଙ୍କ ଦାବି ଯୋଗୁ ନୂତନ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଘର ନିର୍ମାଣ ହେଲା



**ଜିଲ୍ଲା: ମୟୂରଭଞ୍ଜ, ବ୍ଲକ୍: କପ୍ତିପଦା, ପଞ୍ଚାୟତ: ନୋଟ** – ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ନୋଟ ପଞ୍ଚାୟତଟି ସବୁଠାରୁ ଦୁର୍ଗମ ଅଞ୍ଚଳଭାବେ ପରିଗଣିତ । ବ୍ଲକ୍ ଅଫିସଠାରୁ ନୋଟ ପଞ୍ଚାୟତକୁ ପାଖାପାଖି ୪୫ ରୁ ୫୦ କି.ମି. ବାଟ ହୋଇଥାଏ । ଏହି ପଞ୍ଚାୟତରେ ମୋଟ ଚାରିଗୋଟି ରାଜସ୍ୱ ଗ୍ରାମ ଓ ୧୩ଟି ୱାର୍ଡ଼କୁ ନେଇ ଗଠିତ ଏବଂ ମୋଟ ପାଞ୍ଚଟି ଅଙ୍ଗନୱାଡ଼ି କେନ୍ଦ୍ର ସହ ଚାରୋଟି ମିନି ଅଙ୍ଗନୱାଡ଼ି କେନ୍ଦ୍ର ହୋଇ ୯ଟି କେନ୍ଦ୍ରକୁ ନେଇ ଚାଲିଛି । ନୋଟ ପଞ୍ଚାୟତରେ ମୋଟ ପରିବାର ସଂଖ୍ୟା ୯୦୭, ମହିଳା ୨୨୫୮ ଏବଂ ପୁରୁଷ ୨୨୫୭ ଅଛନ୍ତି । ୨୦୦୮ ମସିହାରୁ ଏହି ପଞ୍ଚାୟତରେ ଏକ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ହୋଇଥଲା । ତାହା ତିନିବର୍ଷ ଚାଲିବା ପରେ ସେହି ଘରଟି ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିଲା । ଘରଟି ଭାଙ୍ଗି ଯାଇଥିବାରୁ ଏଏନ୍‌ଏମ୍ ଦିଦି ଠିକ୍ ଭାବରେ କେନ୍ଦ୍ରକୁ ଯିବା ଆସିବା କରୁ ନ ଥିଲେ ଓ ସେ ଠିକ୍‌ରେ ରହୁ ନଥିଲେ । ଏଥିନେଇ ନାଗରିକ ଚେତନା ମଞ୍ଚ ବିଭିନ୍ନ ଗାଁରେ ଲୋକମାନଙ୍କୁ ସମସ୍ୟାର ପ୍ରତିକାର ପାଇଁ ସଙ୍ଗଠିତ କରି ୨୦୧୫ରେ ୨-୩ଥର ଅଭିଯୋଗ ଏବଂ ଦାବିପତ୍ର ପ୍ରଦାନ ଫଳରେ ଗତ ଡ଼ିସେମ୍ବର ମାସ ୨୦୧୫ରେ ଏକ ନୂତନ ଉପସ୍ୱାସ୍ଥ୍ୟ କେନ୍ଦ୍ର ଘର ନିର୍ମାଣ ପାଇଁ ଅନୁଦାନ ଆସିଲା । ଏବେ ଉପସ୍ୱାସ୍ଥ୍ୟ କେନ୍ଦ୍ର ଘରଟି ସବୁଦିନ ଖୋଲା ରହିବା ସଙ୍ଗେ ସଙ୍ଗେ ଗର୍ଭବତୀ ମାଁଆ, ପ୍ରସୂତୀ ମାଁଆ ଏବଂ ଛୋଟଛୋଟ ଶିଶୁ ତଥା ମ୍ୟାଲେରିଆ ରୋଗୀମାନେ ଆସି ରକ୍ତପରୀକ୍ଷା କରିବା ସହିତ ଦୈନିକ ଔଷଧ ଏବଂ ପରାମର୍ଶ ସେବା ପାଇ ପାରୁଛନ୍ତି । **ଅଗ୍ରଣୀ, କପ୍ତିପଦା ବ୍ଲକ, ମୟୂରଭଞ୍ଜ ଜିଲ୍ଲା ସଂଯୋଜକ: ଶ୍ରୀ ହେମନ୍ତ ସାହୁ**

# ମଧ୍ୟାହ୍ନଭୋଜନ ନେଇ କୈଫୟତ ମାଗିଲା ସ୍କୁଲ ପରିଚାଳନା କମିଟି



**ଜିଲ୍ଲା: କୋରାପୁଟ, ବ୍ଲକ୍: ଲକ୍ଷ୍ମୀପୁର, ପଞ୍ଚାୟତ: ତୁନପାର, ଗାଁଆ: ଝିରଝିରା** – ଏହି ଗାଁଆଟି ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ତୁନପାର ପଞ୍ଚାୟତର ଏକ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ । ଗାଁର ମୋଟ ୭୨ ପରିବାର ବସବାସ କରୁଛନ୍ତି । ଆଦିବାସୀ ଏଠାରେ ଏକ ପ୍ରାଥମିକ ସ୍କୁଲ ଏବଂ ଏକ ଅଙ୍ଗନୱାଡ଼ି ରହିଛି ମାତ୍ର ତାହା କେବଳ କାଗଜକଲମରେ ଚାଲିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଗାଁଆକୁ ଭଲ ରାସ୍ତା ଖଣ୍ଡେ ନାହିଁ । ବହୁତ ମୁସ୍କିଲ୍‌ରେ ବାଇକ୍‌ରେ ଗାଁକୁ ଯାଇ ହୁଏ । ଚାରିଚକିଆ ଗାଡ଼ି କଥା ପଚାରେ କିଏ । ତେବେ, ଇୟୁ ଅଗ୍ରଗାମୀ ସୂଚନା ପ୍ରକଳ୍ପ ଅଧିନସ୍ଥ ଏହି ଗାଁକୁ ସେହିସବୁ ଅସୁବିଧା ସମସ୍ୟା କଥା ଶୁଣିବା ପରେ ଗତ ୧୭.୧୦.୧୬ ତାରିଖରେ ଅଗ୍ରଗାମୀର ଯୁଗ୍ମନିର୍ଦ୍ଦେଶକ ଶ୍ରୀମତୀ ବିଦ୍ୟା ଦାସ ପରିଦର୍ଶନରେ ଯାଇଥିଲେ । ସ୍କୁଲ ବିଷୟ ସେ ପଚାରିବାରୁ ଗାଁଆ ଲୋକେ କହିଥିଲେ ଗତ ୨ ମାସ ହେଲାଣି ମଧ୍ୟାହ୍ନଭୋଜନ ଚାଲୁନି । ଅଙ୍ଗନୱାଡ଼ିରୁ ଖାଦ୍ୟ ପିଲାଙ୍କୁ କିଛି ମିଳୁନାହିଁ କି ଦିଦି କେବେ ଆସୁନାହିଁ । ଗାଁରେ ଲୋକେ ପଲ୍ଲୀସଭା କ'ଣ ଜାଣିନ୍ତି ନାହିଁ କି ମନରେଗା ଯୋଜନା ବିଷୟରେ ଧାରଣା ନାହିଁ । ସ୍କୁଲ ସଭାପତି ଶ୍ରୀ ଧୋବୁଲୁ ଜାନୀଙ୍କୁ ପଚାରିବାରୁ, ମୁଁ ଆଗରୁ ମଧ୍ୟାହ୍ନଭୋଜନ ବିଷୟରେ ପ୍ରଧାନଶିକ୍ଷକଙ୍କୁ ପଚାରିଛି, ହେଲେ ପ୍ରଧାନଶିକ୍ଷକ ବ୍ଲକ୍‌ରୁ ଚାଉଳ ଆସିନାହିଁ କୁହନ୍ତି । ବାରମ୍ବାର ଜଣାଇଲେ ମଧ୍ୟ କିଛି ଫଳ ମିଳୁନାହିଁ," ବୋଲି ସେ କହିଥିଲେ । ତା'ରେ ସେ ସବୁ ଶୁଣିବା ପରେ ବୈଠକରେ ଉପସ୍ଥିତ ଥିବା ସ୍କୁଲ ପରିଚାଳନା ଏବଂ ଅଙ୍ଗନୱାଡ଼ିର ଯାଞ୍ଚ ଓ ମାତୃ କମିଟିର ସଭାପତି ତଥା ଅନ୍ୟ ମେମ୍ବର ମାନଙ୍କୁ ପ୍ରତିଦିନ ସ୍କୁଲରେ ଶିକ୍ଷକ ଉପସ୍ଥାନ, ପାଠପଢ଼ା ଏବଂ ମଧ୍ୟାହ୍ନଭୋଜନ ଏବଂ ଅଙ୍ଗନଓାଡ଼ି କେନ୍ଦ୍ରରେ ଗପ, ଗୀତ ଓ ନାଚ ମାଧମରେ ପାଠପଢ଼ା, ଜଳଖିଆ, ରନ୍ଧାଖାଦ୍ୟ, ଅଣ୍ଡା, ଛତୁଆ ପକେଟ ବଣ୍ଟନ, ସ୍ୱାସ୍ଥ୍ୟପରୀକ୍ଷା, ପୁଷ୍ଟିହୀନତା, ମମତାଯୋଜନାରେ ପଞ୍ଜିକରଣ ଆଦି ୬ ପ୍ରକାର ସେବା ମିଳୁଛି କି ନାହିଁ ତାହା ପ୍ରତିଦିନ ତତ୍ତ୍ୱାବଧାନ କରିବାକୁ କମିଟିର କ୍ଷମତା ଏବଂ ଅଧିକାର ରହିଛି । ଆସନ୍ତାକାଲି ଠାରୁ ଯଦି ସ୍କୁଲ ଏବଂ ଅଙ୍ଗନୱାଡ଼ିରେ ଏସବୁ ବ୍ୟବସ୍ଥା ନିୟମିତ ନହୁଏ ତା'ହେଲେ ଗାଁବାସୀ ସମସ୍ତେ ମିଶି ଏକ ଅଭିଯୋଗପତ୍ର ବ୍ଲକ୍ ଶିକ୍ଷା ଅଧିକାରୀ, ସିଡ଼ିପିଓଙ୍କୁ ଅଭିଯୋଗ ଜଣାଇବେ ଏବଂ ଅବସ୍ଥା ନ ସୁଧୁରିଲେ ଜିଲ୍ଲାପାଳଙ୍କୁ ଶୁଣାଣି ଦିନ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସେହିଭଳି, ଅଗ୍ରଗାମୀର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ବିଦ୍ୟା ଦାସ ଲକ୍ଷ୍ମୀପୁର ବ୍ଲକ୍ ସଂଯୋଜକ ଶ୍ରୀ ଅଶୋକ କୁମାର ମହାନ୍ତିଙ୍କୁ ଆଗାମୀ ଧାନକଟା ପରେପରେ ମନରେଗା ଯୋଜନାରେ ଗାଁର ରାସ୍ତାକାମ ପାଇଁ ଗାଁବାସୀଙ୍କୁ ନେଇ ତୁରନ୍ତ ଏକ ଜବ୍‌ଡ଼ିମାଣ୍ଡ କରାଇବାକୁ ପରାମର୍ଶ ଦେଇଥିଲେ ।

**ଅଗ୍ରଗାମୀ, କୋରାପୁଟ ଜିଲ୍ଲା, ଲକ୍ଷ୍ମୀପୁର ବ୍ଲକ୍ ସଂଯୋଜକ: ଶ୍ରୀ ଅଶୋକ କୁମାର ମହାନ୍ତି**

# ସୁଆଁବାହାଲ ଆମ ଗାଆଁ ଶ୍ରମିକ ସଂଘର ସଫଳ କାହାଣୀ



**ଜିଲ୍ଲା: ବଲାଙ୍ଗୀର, ବ୍ଲକ: ବେଲପଡ଼ା, ପଞ୍ଚାୟତ: ଗ୍ରାମ: ସୁଆଁବାହାଲ** – ମନରେଗା ଗ୍ରାମର ଅଣସଙ୍ଗଠିତ ଶ୍ରମିକ ମାନଙ୍କୁ ୧୦୦ ଦିନର କାମ ଯୋଗାଇ ଦେବା ପାଇଁ ଭାରତ ସରକାରଙ୍କ ଏକ ଆଇନ୍ । ଏହି ଆଇନ ବଳରେ ଶ୍ରମିକ ମାନେ ପଞ୍ଚାୟତରେ କାମ ମାଗି କାମ ନିଜର କାମ କରିବାର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ନିୟମ ରହିଛି । ଏହି ଆଇନକୁ କାର୍ଯ୍ୟକାରୀ ତଥା ତାହାର ସୁଫଳତା ପାଇଁବା ପାଇଁ ବେଲପଡ଼ା ଅଧିନସ୍ଥ କାନୁଟ ପଞ୍ଚାୟତ ଅନ୍ତର୍ଗତ ସୁଆଁବାହାଲ ଗ୍ରାମରେ ଅଣସଙ୍ଗଠିତ ଶ୍ରମିକ ମାନଙ୍କୁ 'ବଲାଙ୍ଗୀର ବିକାଶ ପରିଷଦ' ଅନୁଷ୍ଠାନ ତରଫରୁ ସଙ୍ଗଠିତ କରାଯାଇ 'ଆମ ଗାଁଆ ଶ୍ରମିକ ସଂଘ, ସୁଆଁବାହାଲ', ଗଠନ ହୋଇଛି । ସେମାନେ କାମ ଦାବି କରି ଗ୍ରାମରେ ପାଞ୍ଚ ଲକ୍ଷ ଟଙ୍କାର ଏକ ପୋଖରୀ ଖୋଳିବା କାମ ହାତକୁ ନେଇଥିଲେ ।

କିନ୍ତୁ, ଏଥିରେ ୪୦ ଜଣ ଶ୍ରମିକ ୧୨ ଦିନ କାମର ଟଙ୍କା ପାଇ ପାରି ନ ଥିଲେ । ଏଣୁ, ଉକ୍ତ କାମର ଟଙ୍କା ପାଇବା ପାଇଁ ସେମାନେ ସ୍ଥାନୀ ସରପଞ୍ଚ, ବିଡ଼ିଓ ତଥା ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଆକାରରେ ନଭେମ୍ବର ମାସ ପ୍ରଥମ ସପ୍ତାହରେ ଅଭିଯୋଗପତ୍ର ଦେବାପରେ ଗତ ଡ଼ିସେମ୍ବର ୨୦୧୬ ପ୍ରଥମ ସପ୍ତାହରେ ୪୦ ଜଣ ଶ୍ରମିକ ୧୨ ଦିନର ବକେୟା ମନରେଗା ମଜୁରୀ ବାବଦକୁ ମୋଟ ୮୩,୫୨୦ଟଙ୍କା ପାଇ ପାରିଛନ୍ତି । ଏହା ବେଲପଡ଼ା ବ୍ଲକରେ ଗଢ଼ି ଉଠିଥିବା ଅନ୍ୟ ଶ୍ରମିକ ଦଳ ମାନଙ୍କ ପାଇଁ ପ୍ରେରଣା ଯୋଗାଇଛି ଏବଂ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାର ମନରେଗା ହିତାଧିକାରୀ କିପରି ସେମାନଙ୍କର ବକେୟା ମନରେଗା ମଜୁରୀ ତୁରନ୍ତ ପାଇ ପାରିବେ ଓ ମନରେଗାରେ ନିଜର ଦାବି ସାବ୍ୟସ୍ତ କରିବା ସହିତ ଯୋଜନାରୁ ସୁଫଳତା ପାଇ ପାରିବେ ତା'ରି ପାଇଁ ଏହା ଉଦାହରଣ ପାଲଟିଛି ।

**ବଲାଙ୍ଗୀର ବିକାଶ ପରିଷଦ, ବେଲପଡା ବ୍ଲକ, ବଲାଙ୍ଗୀର ଜିଲ୍ଲା ସଂଯୋଜକ: ଶ୍ରୀ ମୁକୁନ୍ଦ ସାହୁ**

# ତେଜିଲେ ଫଟକିମହୁଲ ବିଦ୍ୟାଳୟ ପରିଚାଳନା କମିଟି





ଜିଲ୍ଲା: **କଳାହାଣ୍ଡି, ବ୍ଲକ୍: ଥୁଆମୂଳ-ରାମପୁର, ଗ୍ରାମ- ଫଟକି ମହୁଲ** – ଏହି ଗାଁରେ ମୋଟ ୧୧୩ ପରିବାର ଆଦିବାସୀ ହରିଜନ ଓ ପଛୁଆବର୍ଗ ମିଳିତ ବାସ କରୁଛନ୍ତି । ଗାଁରେ ଚାଷଜମି ବହୁତ କମ୍ । ଗାଁର ଶତକଡା ୯୦ ଭାଗ ଲୋକ କୁଲିମଜୁରୀ ଉପରେ ନିର୍ଭର କରି ଚଳୁଛନ୍ତି । ଆଉ ଅବଶିଷ୍ଟ ୧୦ ଭାଗ ଲୋକଙ୍କର ୫୦ ଡିସିମିଲରୁ ୧ ଏକର ମଧ୍ୟରେ ଚାଷ ଉପଯୋଗୀ ଜମି ଅଛି । ଫଟକିମହୁଲ ଗାଁରେ ସରକାରଙ୍କ ତରଫରୁ ଗୋଟିଏ ଉଚ୍ଚ ପ୍ରାଥମିକ ସ୍କୁଲ୍ ଅଛି । ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ସ୍କୁଲ୍‌ରେ ୨ଜଣ ଶିକ୍ଷକଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି ।  ସ୍କୁଲ୍‌ର ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୯୫ । ପିଲାଙ୍କର ପ୍ରଗତି ରେକର୍ଡପତ୍ରରେ ହିଁ ଯାହା ବୃଦ୍ଧି ହେଉଛି । କିନ୍ତୁ, ପ୍ରକୃତରେ ପିଲାଙ୍କର ପାଠପଢ଼ାର ଦୀର୍ଘଦିନରୁ ଅଗ୍ରଗତି ହେଉନଥିବା ନେଇ ସ୍କୁଲ୍ ପରିଚାଳନା କମିଟି ସଭ୍ୟବୃନ୍ଦ ଓ ଗାଁବାସୀ ଭୀଷଣ ଅସନ୍ତୋଷ ପ୍ରକାଶ କରିଛନ୍ତି । ମାସିକ ସ୍କୁଲ ପରିଚାଳନା କମିଟି କେବେ ବି ହୁଏନି, କେବଳ  ଗୋଟିଏ ଖାତା ବୁଲାଇ ଗାଁରେ କମିଟି ସଭ୍ୟ ମାନଙ୍କଠାରୁ ଦସ୍ତଖତ ମାନ ସଂଗ୍ରହ କରୁଛନ୍ତି । ଶିକ୍ଷାକମିଟି ସଭ୍ୟ ଶ୍ରୀ ଭଗବାନ ପ୍ରଧାନୀ ତଥା ଅନ୍ୟ ସଭ୍ୟମାନେମଧ୍ୟ ଏଭଳି ମତ ଦେଇଛନ୍ତି ।

ଏସବୁ ଜାଣିବା ପରେ 'ନାଗରିକ ଚେତନା ମଞ୍ଚ' ସଭ୍ୟ ଶ୍ରୀ ନରସିଂ ଜାନୀ, ଲିଙ୍ଗରାଜ ବାହୁକଙ୍କ ନେତୃତ୍ୱରେ ୨୫.୧୦.୧୬ରେ ସ୍କୁଲ କମିଟି ମେମ୍ବର ମାନଙ୍କୁ ଏକତ୍ରିତ କରି ଗାଁରେ ଏକ ବୈଠକ କରାଗଲା । ସେହି ବୈଠକରେ ଗାଁବାସୀ କହିଲେ କି  ସ୍କୁଲକୁ ଶିକ୍ଷକ ମାନେ ନିୟମିତ ଆସୁନାହାନ୍ତି, ମଧ୍ୟାହ୍ନଭୋଜନ  କି ପାଠପଢ଼ା ଠିକ୍‌ରେ କରୁନାହାନ୍ତି । ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟମାନଙ୍କ ସହ ମିଳିତ ବୈଠକ କରୁନାହାନ୍ତି । ଏହାର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଫଟକିମହୁଲ ଗ୍ରାମର ସ୍କୁଲ୍ ସୁପରିଚାଳନା ପାଇଁ ଅଭିଯୋଗ କରିବା ନିମନ୍ତେ ସ୍ଥିର କରାଗଲା ଏବଂ ୫.୧୧.୧୬ ଦିନ ବ୍ଲକ ଶିକ୍ଷା ଅଧିକାରୀ,  ଥୁଆମୁଳ-ରାମପୁର,ଙ୍କୁ  ଲିଖିତ ଭାବେ ଅଭିଯୋଗ କରାଗଲା । ସ୍କୁଲ୍ ପରିଚାଳନା କମିଟିଙ୍କ ଅଭିଯୋଗ ଗ୍ରହଣ କରି ଏହାର ଦୁଇଦିନ ପରେ ସେ ଗାଁକୁ ପରିଦର୍ଶନରେ ଆସିଲେ । କିନ୍ତୁ, ଶିକ୍ଷକ ମାନଙ୍କ ଉପରେ କୌଣସି ପଦକ୍ଷେପ ନେଲେ ନାହିଁ । ଫଳରେ ପୁଣି, ୦୭.୧୧.୧୬ରେ ଦିନ ଜିଲ୍ଲା ଡିଇଓ କାର୍ଯ୍ୟାଳୟ, ଭବାନୀପାଟଣା, ଠାରେ ଶିକ୍ଷା କମିଟି ସଭ୍ୟ ଶ୍ରୀ ଲିଙ୍ଗରାଜ ବାହୁକ ଅଭିଯୋଗ କଲେ ।

ଅଭିଯୋଗ ପରେ ବିଇଓ କାର୍ଯ୍ୟାଳୟରୁ ମଧ୍ୟ ଫଟକିମହୁଲ ବିଦ୍ୟାଳୟର ୧୫.୧୧.୧୬ ଦିନ ସମସ୍ତ ସ୍କୁଲ୍ ପରିଚାଳନା କମିଟି ଏକତ୍ରିତ ହୋଇ ମିଡିଆର ନଜରକୁ ନେଇଛନ୍ତି । ଏହାର ଗୋଟିଏ ଦିନ ପରେ ୧୬.୧୧.୧୬ ଦିନ 'ସମାଜ' ଖବରକାଗଜରେ ଫଟକିମହୁଲ ସ୍କୁଲ୍ ସମ୍ପର୍କିତ ଅଭିଯୋଗ ପ୍ରକାଶିତ ହେଲା । ଖବରକାଗଜ ପ୍ରକାଶିତ ହେବାର ଜାଣି ଶିକ୍ଷକମାନେ ଆସି କମିଟି ସଭ୍ୟମାନଙ୍କୁ ଖୋସାମତ କରିବାକୁ ଲାଗିଲେ । କମିଟି ସଭ୍ୟ ଶିକ୍ଷକଙ୍କ ସପକ୍ଷ ନହୋଇ ସ୍କୁଲ୍‌ର ସଠିକ୍ ପରିଚାଳନା ନିମନ୍ତେ ଉଦ୍ୟମ ଜାରି ରଖା ଯାଇଥିଲା । ତା'ପରେ ୨୨-୧୧-୨୦୧୬ରେ **'ଟୋଲ୍ ଫ୍ରି' ନମ୍ବର ୧୮୦୦-୩୪-୫୬୭୨୨**ରେ ଶିକ୍ଷା ବିଭାଗ, ଭୁବନେଶ୍ୱର,କୁ ଫୋନ ମାଧ୍ୟମରେ ଅଭିଯୋଗ ଦିଆ ଯାଇଥିଲା । ଏହାର ଗୋଟିଏ ଦିନ ପରେ ଡିଇଓ, ଭବାନିପାଟଣା, କାର୍ଯ୍ୟାଳୟରୁ ଦୁଇଜଣ ଶିକ୍ଷା ଅଧିକାରୀ ଫଟକିମହୁଲ ଗାଁକୁ ଆସି  ସ୍କୁଲ୍ ପରିଚାଳନା ସମ୍ପର୍କିତ ତଥ୍ୟ ଯାଞ୍ଚ କରିଥିଲେ ଏବଂ ଶିକ୍ଷକ ମାନଙ୍କୁ ସ୍କୁଲ୍ ପରିଚାଳନା କମିଟି ସଭ୍ୟମାନଙ୍କ ସମ୍ମୁଖରେ ରୋକଠୋକ ଚେତାବନୀ ଦେଲେ କି, "ଆଜିଠାରୁ ସ୍କୁଲ୍ ପରିଚାଳନାରେ ଯେମିତି କୌଣସି ଅବହେଳା ନହୁଏ । ଆଗକୁ ସ୍କୁଲ୍  ପରିଚାଳନା ବୈଠକ ନିୟମିତ ହୁଏ ଏବଂ ମଧ୍ୟାହ୍ନଭୋଜନ ମେନୁ ଅନୁଯାୟୀ ହୁଏ । ଯଦି ଆଗ ଭଳି ଅବହେଳା ଅଭିଯୋଗ ହେଲେ ତୁମର ପାରିଶ୍ରମିକ ବନ୍ଦ କରିବା ସହିତ ତୁମ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।" ବିଦ୍ୟାଳୟ ପରିଚାଳନା କମିଟିଙ୍କ ଏକତା ଦୃଢ଼ ମନବଳ ଯୋଗୁଁ ବର୍ତ୍ତମାନ ଫଟକିମହୁଲ ବିଦ୍ୟାଳୟ ନିୟମିତ ଚାଲୁଛି । ମଧ୍ୟାହ୍ନଭୋଜନ ମେନୁ ଅନୁସାରେ ଦିଆଯାଉଛି । ଶିକ୍ଷକମାନେ ଛୁଟି କିମ୍ବା ଅନ୍ୟ ଅଫିସ କାମରେ ଗଲେ ମଧ୍ୟ ସ୍କୁଲ୍ ପରିଚାଳନା କମିଟି ସଭାପତି କିମ୍ବା ସଭ୍ୟସଭ୍ୟା ମାନଙ୍କୁ ଜଣାଉଛନ୍ତି ।

**ଅଗ୍ରଗାମୀ, କଳାହାଣ୍ଡି ଜିଲ୍ଲା, ଥୁଆମୂଳ-ରାମପୁର ବ୍ଲକ୍ ସଂଯୋଜକ: ଶ୍ରୀ ପ୍ରେମମହାନ୍ତି ସିମିଳି**

# ଜିଲ୍ଲାପାଳଙ୍କୁ ଭେଟି ଦାବି କରିବା ପରେ ସ୍କୁଲ ବିଲ୍ଡିଂ କାମ ଆରମ୍ଭ ହେଲା



ମାଲକାନଗିରି ଅଧିନସ୍ଥ ମାଥିଲି ବ୍ଲକ୍‌ର ଚେଡ଼େଙ୍ଗା ପଞ୍ଚାୟତ ଏକ ବହୁତ ଅନୁନ୍ନତ ପଞ୍ଚାୟତ ଭାବେ ଜଣାଶୁଣା । କାରଣ ଏହି ପଞ୍ଚାୟତକୁ ଯିବାକୁ ହେଲେ ପାଖାପାଖି ଏକ ଘଣ୍ଟା ପର୍ଯ୍ୟନ୍ତ ପୁରା ପଥର ରାସ୍ତା ଦେଇ ଯିବାକୁ ପଡ଼ିଥାଏ । ଚେଡ଼େଙ୍ଗା ପଞ୍ଚାୟତ ପୁରା ଦୁର୍ଗମ ଅଞ୍ଚଳରେ ଥିବା ହେତୁ ବହୁତ ଅବହେଳିତ ଅବସ୍ଥାରେ ଅଛି । ଯେବେଠାରୁ (ମଇ ମାସ ୨୦୧୬) 'ହାରମୋନୀ' ଅନୁଷ୍ଠାନ ତରଫରୁ ଇୟୁ-ଅଗ୍ରଗାମୀ ସୂଚନା ପ୍ରକଳ୍ପ ସହାୟତାରେ ଚେଡ଼େଙ୍ଗା ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ କରିବା ଆରମ୍ଭ କଲା ସେବେଠାରୁ ଏହି ପଞ୍ଚାୟତର ସବୁ ଗାଁରେ ବୈଠକ ଏବଂ ଶିକ୍ଷା ଅଧିକାର ଆଇନ ତଥା ବିଭିନ୍ନ ସରକାରୀ ଯୋଜନାକୁ ନେଇ ସଚେତନତା କାର୍ଯ୍ୟକ୍ରମ କରା ଯାଇଥିଲା । ଶିକ୍ଷା ଅଧିକାର ଆଇନ ଉପରେ ଆଲୋଚନା ହେବା ପରେ ଗାଁଆଲୋକେ ଶିକ୍ଷାଜନିତ ଅନେକ ସମସ୍ୟା ବିଷୟରେ ସଚେତକ ଏବଂ ବ୍ଲକ୍ ସଂଯୋଜକଙ୍କୁ ଜଣାଇ ଥିଲେ ଯଥା ବିଦ୍ୟାଳୟ ଗୃହ ଭୁଷୁଡ଼ିବା ଅବସ୍ଥାରେ, ଛାତ୍ରଛାତ୍ରୀ ବର୍ଷାଦିନେ ଅନେକ ସମସ୍ୟାର ସମ୍ମୁଖୀନ ହେବା ଓ କେବଳ ଦୁଇଟି ଶ୍ରେଣୀ ଗୃହରେ ଏକରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏକତ୍ର ବସିବା । ଏହି ସମସ୍ୟାକୁ ବ୍ଲକ୍‌ସ୍ତରରେ ଅନେକଥର ଗାଁଲୋକେ ଜଣାଇବା ପରେ ମଧ କୌଣସି ସଫଳତା ନ ମିଳିବାରୁ ପରେ ଗାଁଆ ବୈଠକରେ ଜିଲ୍ଲାପାଳଙ୍କୁ ଭେଟିବା ନିଷ୍ପତ୍ତି ନିଆଗଲା । ପରେ ୨୭.୦୬.୧୬ରେ ଗାଁଲୋକେ ଜିଲ୍ଲାପାଳଙ୍କୁ ଭେଟି ନିଜଗାଁଆର ଶିକ୍ଷା ସମସ୍ୟା ବିଷୟରେ ଜଣାଇଥିଲେ । ପରେ ଜିଲ୍ଲାପାଳ ନୂତନ ସ୍କୁଲ ବିଲ୍ଡ଼ିଂ ପାଇଁ ତୁରନ୍ତ ଯୋଜନା କରି କାର୍ଯ୍ୟାଦେଶ ଦେବାକୁ ବ୍ଲକ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ, ନୂଆ ସ୍କୁଲ ବିଲ୍ଡ଼ିଂ କାମ ଆରମ୍ଭ ହୋଇ ସାରିଛି ଏବଂ ୨୦୧୭ର ଶେଷ ଆଡ଼କୁ କାର୍ଯ୍ୟ ସମାପ୍ତ ହେବ ବୋଲି ଗାଁଆ ଲୋକ ଆଶାରେ ଅଛନ୍ତି ।

ହାରମୋନୀ,ମାଲକାନଗିରି ଜିଲ୍ଲା, ମାଥିଲି ବ୍ଲକ୍ ସଂଯୋଜକ: **ଶ୍ରୀ ହରିଶ୍ ଚନ୍ଦ୍ର ବେହେରା**

# ଘରନିର୍ମାଣ ସମ୍ପୂର୍ଣ୍ଣ ପାଇଁ ଜିଲ୍ଲାପାଳଙ୍କ ଶୁଣାଣୀରେ ଅଭିଯୋଗ କରିବାକୁ ନିଷ୍ପତ୍ତି



ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଏବଂ ପଞ୍ଚାୟତ ଅନ୍ତର୍ଗତ ଟଭାପଦର ଏକ ରାଜସ୍ୱ ଗ୍ରାମ ଅଟେ । ଉକ୍ତ ଗାଁଆର ଶ୍ରୀ ମନ ସାଉନ୍ତା ଜଣେ ବାସିନ୍ଦା । ଗତ ୨୦୧୫ ମସିହାରେ ଏକ ଇନ୍ଦିରାଆବାସ ଘର ପାଇଁ କାର୍ଯ୍ୟାଦେଶ ପାଇଥିଲେ । ନିଜର ଆର୍ଥିକ ଅବସ୍ଥା ଭଲ ନଥିବାରୁ ଉକ୍ତ ଘରକାମଟିକୁ ନିକଟସ୍ଥ ଏକ କଣ୍ଟ୍ରାକ୍ଟର ଟୁନା ସରଙ୍ଗୀକୁ ଦେଇଥିଲେ । କିନ୍ତୁ, ଦୁଃଖର କଥା ଏହି କି ଯେ ଉକ୍ତ କାମଟିକୁ ମୂଳଦୁଆରେ ରହି ଅଟକି ଯାଇ ଆଜକୁ ଦୁଇବର୍ଷ ହୋଇ ସାରିଲାଣି । ଉକ୍ତ ସମସ୍ୟାର ସମାଧାନ ପାଇଁ ସେହି ଗ୍ରାମର ନାଗରିକ ଚେତନା ମଞ୍ଚର ସଦସ୍ୟ ଶ୍ରୀ ଲକି ସାଉନ୍ତା ଏବଂ ଶ୍ରୀ ହରେଶ ବାଗ ମିଶି ବିଡ଼ିଓଙ୍କୁ ଅଭିଯୋଗ ଜଣାଇ ଆଜିକୁ ୪ ମାସ ବିତି ଯାଇଥିଲେ ମଧ୍ୟ କିଛ ଫଳ ମିଳିନାହିଁ । ମନ ସାଉନ୍ତାଙ୍କ ଗୋଟେ ଘର ନଥିବାରୁ ସେ ବହୁତ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ତାଙ୍କର ଦୂରାବସ୍ଥା ଦେଖି ଗ୍ରାମବାସୀ ମାନଙ୍କ ମଧରେ ଭୀଷଣ ଅସନ୍ତୋଷ ଏବଂ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ସମସ୍ୟାର ଯେମିତି ହେଲେ ସମାଧାନ କରାଯିବ ଏବଂ ସେଥିପାଇଁ ଆମର ସମ୍ପୂର୍ଣ୍ଣ ସମର୍ଥନ ରହିଛି ବୋଲି ଗାଁର ମାଁମାନେ ଜଣାଇଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଗାଁଆରେ 'ଅଗ୍ରଗାମୀ' ଅନୁଷ୍ଠାନ ତରଫରୁ ନାଗରିକ ଚେତନା ମଞ୍ଚ ନେତୃତ୍ୱରେ ଏକ ବୈଠକ କରା ଯାଇଥିଲା । ଉକ୍ତ ବୈଠକରେ ମନ ସାଉନ୍ତା ତା'ର ନଥିପତ୍ର ଧରି ମଞ୍ଚର ସଦସ୍ୟ ମାନଙ୍କ ସହିତ ଜିଲ୍ଲାପାଳଙ୍କ ଶୁଣାଣୀରେ ଅଭିଯୋଗ କରିବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆ ଯାଇଥିଲା ।

**ଅଗ୍ରଗାମୀ, ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍: ସଂଯୋଜକ: ଶ୍ରୀ ସୁକେଶ ମିର୍ଦ୍ଧା**

# ପଞ୍ଚାୟତିରାଜ ବ୍ୟବସ୍ଥାରେ ପଲ୍ଲୀସଭା ଓ ଗ୍ରାମସଭାର ମୁଖ୍ୟକାମ

## ପଲ୍ଲୀସଭା

- **ପଲ୍ଲୀସଭା କାହାକୁ କୁହାଯାଏ ?**

ପ୍ରତ୍ୟେକ ରାଜସ୍ୱ ଗ୍ରାମର ଭୋଟରଙ୍କୁ ନେଇ ଗୋଟିଏ ପଲ୍ଲୀସଭା ଗଠନ କରାଯାଏ, କିନ୍ତୁ ଯଦି ଗୋଟିଏ ୱାର୍ଡ ମଧ୍ୟରେ ଏକାଧିକ ରାଜସ୍ୱ ଗ୍ରାମ ଥାଏ ସେ କ୍ଷେତ୍ରରେ ଏକାଧିକ ପଲ୍ଲୀସଭା ହୁଏ ନାହିଁ ।

- **ସଦସ୍ୟ/ସଦସ୍ୟା କିଏ ?**

ପଲ୍ଲୀରେ ରହୁଥିବା ସମସ୍ତ ଭୋଟର ।

- **ବର୍ଷକୁ କେତେଥର ବସେ ?**

ବର୍ଷକୁ ଅତିକମରେ ଥରେ ଫେବୃୟାରୀ ମାସରେ ବସେ ।

- **ସଭାପତିତ୍ୱ କିଏ କରନ୍ତି ?**

- ସମ୍ପୃକ୍ତ ୱାର୍ଡ ସଦସ୍ୟ
- ଏକାଧିକ ୱାର୍ଡ ସଦସ୍ୟ ପ୍ରତିନିଧିତ୍ୱ କରିବା କ୍ଷେତ୍ରରେ ପଞ୍ଚାୟତ ବୈଠକରେ ପୂର୍ବରୁ ନିଷ୍ପତ୍ତି ହୋଇଥିବା କ୍ରମାନ୍ୱୟ ତାଲିକା ଅନୁସାରେ ସଂପୃକ୍ତ ୱାର୍ଡ ମେମ୍ବର ସଭାପତିତ୍ୱ କରିଥାନ୍ତି ।
- ତାଙ୍କ ଅନୁପସ୍ଥିତରେ ଉପସ୍ଥିତ ସଦସ୍ୟ ମାନଙ୍କୁ ମଧ୍ୟରୁ ଜଣକୁ ସଭାପତିତ୍ୱ କରିବା ପାଇଁ ବଛା ଯାଇଥାଏ ।

- **କେତେ ଦିନ ପୂର୍ବରୁ ନୋଟିସ କରାଯାଏ ?**

ଏହି ବୈଠକ ବସିବାର ପନ୍ଦର ଦିନ ପୂର୍ବରୁ ଢେଙ୍ଗୁରା ବା ମାଇକ୍ ମାଧ୍ୟମରେ ସଂପୃକ୍ତ ଅଞ୍ଚଳରେ ଏହା ପ୍ରଚାର ପ୍ରସାର ହୁଏ ।

- **କୋରମ୍ କଣ ?**

ଗ୍ରାମର ମୋଟ ଭୋଟର ସଂଖ୍ୟାର ଏକ ଦଶମାଂଶ ସଭ୍ୟଙ୍କ ଉପସ୍ଥିତି ଆବଶ୍ୟକ । ଉପସ୍ଥିତ ସଭ୍ୟଙ୍କ ଦଶଭାଗରୁ ଅତି କମ୍‌ରେ ଏକ ଭାଗ ମହିଳା ଉପସ୍ଥିତ ରହିବା ଆବଶ୍ୟକ ।

- **ନିଷ୍ପତ୍ତି କିପରି ହୁଏ ?**

ସଂଖ୍ୟା ଗରିଷ୍ଠ ଭୋଟ ଦ୍ୱାରା ନିଷ୍ପତ୍ତି ଗୃହୀତ ହୁଏ । ସମାନ ସଂଖ୍ୟକ ଭୋଟ ହେଲେ ସଭାପତି ନିର୍ଣ୍ଣାୟକ ସମସ୍ୟା ସମାଧାନ କରନ୍ତି । ଅନୁପସ୍ଥିତ ସଭ୍ୟମାନେ ଭୋଟ ଦେଇ ପାରିବେ ନାହିଁ ।

- **ବିବରଣୀ କିଏ ଲିପିବଦ୍ଧ କରନ୍ତି ?**

ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓଡିଆ ଭାଷାରେ ବିବରଣୀ ଲିପିବଦ୍ଧ କରନ୍ତି ।

- **ପଲ୍ଲୀ ସଭାରେ କୈାଣସି ସଦସ୍ୟ ବିବରଣୀ ଠିକ୍ ଭାବରେ ଲେଖା ହୋଇନାହିଁ ବୋଲି ଅଭିଯୋଗ କଲେ ?**

ଗ୍ରାମପଞ୍ଚାୟତ ତାର ଆଗାମୀ ବୈଠକ୍‌ରେ ସେହି ବିଷୟକୁ ଆଲୋଚନା ପାଇଁ ପୁଣି ଥରେ ପଲ୍ଲୀ ସଭା ଡାକି ପାରିବେ । ଏପରି ଉକ୍ତ ପଲ୍ଲୀସଭା ସହ ସଂପୃକ୍ତ ନ ଥିବା ଗ୍ରାମପଞ୍ଚାୟତର ଅନ୍ୟ ପଲ୍ଲୀସଭାର ୱାର୍ଡମେମ୍ବରଙ୍କ ସଭାପତିତ୍ୱରେ ଡକାଯାଇ ପାରିବ । ଏହି ବୈଠକର ବିବରଣୀରେ ସଭାପତିଙ୍କ ଦସ୍ତଖତ ପରେ ତାହା ଚୁଡାନ୍ତ ବୋଲି ଧରାଯିବ ।

**ସ୍ୱତନ୍ତ୍ର ବୈଠକ:**

ଅନୁନ୍ୟ ଏକପଞ୍ଚମାଂଶ ଏକମାସ ପୂର୍ବରୁ ସ୍ୱତନ୍ତ୍ର ବୈଠକ ପାଇଁ ସ୍ଥାନ, ତାରିଖ, ଆଲୋଚନାର ବିଷୟବସ୍ତୁ ସ୍ଥିରକରି ସରପଞ୍ଚଙ୍କୁ ବରାଦ କରି ପାରିବେ । ଗ୍ରାମପଞ୍ଚାୟତ ଯଦି ବୈଠକ ଡକାଇ ନ ପାରନ୍ତି, ତେବେ ସ୍ଥିର କରିଥିବା ସଦସ୍ୟ ସେହି ତାରିଖରେ ସେହି ସ୍ଥାନରେ ବୈଠକ କରି ପାରିବେ ।

**ପଲ୍ଲୀସଭାରେ କେଉଁ ବିଷୟରେ ଆଲୋଚନା ହୁଏ ?**

୧ - ଆସନ୍ତା ଆର୍ଥିକ ବର୍ଷ ପାଇଁ ଉନ୍ନୟନ ମୂଳକ ଯୋଜନା ।
୨ - ବାର୍ଷିକ ବଜେଟ୍ ଅଟକଳ ।
୩ - ଶ୍ରମିକ ପ୍ରିତନିଧି ଚୟନ ।
୪ - ବିଭିନ୍ନ ଯୋଜନା ପାଇଁ ହିତାଧିକାରୀ ଚୟନ ।
୫ - ସାମାଜିକ ସମସ୍ୟା ତଥା ଅନ୍ୟାନ୍ୟ ସ୍ଥାନୀୟ ସମସ୍ୟାର ସମାଧାନ ।

- **ପଲ୍ଲୀସଭାର କାର୍ଯ୍ୟ କଣ ?**

- ଫେବୃୟାରୀ ମାସର ବାର୍ଷିକ ବୈଠକରେ ଆସନ୍ତା ବର୍ଷ ପାଇଁ ପଞ୍ଚାୟତରେ ଯେଉଁ ସବୁ କାର୍ଯ୍ୟ କରାଯିବ ତାହାର ତାଲିକା ଅଗ୍ରାଧିକାର ଭିତ୍ତିରେ ସମସ୍ତଙ୍କ ମତାମତ ନେଇ ଯୋଜନା ପ୍ରସ୍ତୁତ କରାଯାଏ ।
- ଦାରିଦ୍ର୍ୟ ଦୁରୀକରଣ ଯୋଜନାରେ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ କ୍ରମ ତାଲିକା ଗ୍ରାମସଭାର ଅନୁମୋଦନ ପାଇଁ ପଠାଇବା ।
- ପ୍ରକଳ୍ପ କାର୍ଯ୍ୟକରିବା ପାଇଁ ଗ୍ରାମ୍ୟ ସ୍ତରୀୟ ଶ୍ରମିକ ନେତା ଚୟନ କରିବା ।

## ଗ୍ରାମସଭା

- **ଗ୍ରାମସଭା କାହାକୁ କୁହାଯାଏ ?**

ଗୋଟିଏ ଗ୍ରାମପଞ୍ଚାୟତ ଅଞ୍ଚଳରେ ସମସ୍ତ ଗ୍ରାମର ଭୋଟର ତାଲିକାଭୁକ୍ତ ବ୍ୟକ୍ତି ବେଶେଷଙ୍କ ବିଧିବଦ୍ଧ ବୈଠକକୁ ଗ୍ରାମସଭା କୁହାଯାଏ ।

- **ସଦସ୍ୟ/ସଦସ୍ୟା କିଏ ?**

ଗ୍ରାମସଭା ଅଞ୍ଚରେ ରହୁଥିବା ସମସ୍ତ ଭୋଟର ।

- **କେତେ ଥର ବସେ ?**

ଆଇନ ଅନୁଯାୟୀ ବର୍ଷକୁ ଦୁଇଥର ଫେବୃୟାରୀ ଓ ଜୁନ ମାସରେ ହୋଇଥାଏ ।

ଏହା ବ୍ୟତୀତ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ବର୍ଷକୁ ୪ ଥର ( ୨୬ ଜାନୁଆରୀ, ୧ ମଇ, ୧୫ ଅଗଷ୍ଟ ଏବଂ ୨ ଅକ୍ଟୋବର) ଗ୍ରାମସଭା ବୈଠକ କରାଯାଏ ।

- **କିଏ ସଭାପତିତ୍ୱ କରନ୍ତି ?**

- ସରପଞ୍ଚ ଗ୍ରାମସଭାରେ ବୈଠକରେ ସଭାପତିତ୍ୱ କରିଥାନ୍ତି ।
- ଗ୍ରାମସଭା ବୈଠକରେ ଯଦି ସଭାପତିଙ୍କୁ ସାମାୟିକ ଭାବେ ଆସନ ପରିତ୍ୟାଗ କରିବାକୁ ପଡେ, ତେବେ ସେ ଯେକୌଣସି ସଭ୍ୟଙ୍କୁ ସଭାପତି ଆସନ ଗ୍ରହଣ କରିବାକୁ ଅନୁରୋଧ କରି ପାରିବେ ।
- ସରପଞ୍ଚଙ୍କ ଅନୁପସ୍ଥିତିରେ ନାଏବ୍ ସରପଞ୍ଚ ସଭାପତି ଆସନ ଅଳଙ୍କୃତ କରିପାରିବେ ।
- ଏହି ଦୁଇଜଣଙ୍କ ଅନୁପସ୍ଥିତିରେ ସଭ୍ୟମାନଙ୍କ ମଧ୍ୟରୁ ସର୍ବସମ୍ମତିକ୍ରମେ ଜଣଙ୍କୁ ସଭାପତି ରୂପେ ମନୋନୀତ କରାଯାଏ ।

- **କେତେ ଦିନ ଆଗରୁ ନୋଟିସ ହୁଏ ଓ ଏହା କିପରି ଜାରି କରାଯାଏ ?**

- ଗ୍ରାମସଭା ବୈଠକ ନିମନ୍ତେ ପନ୍ଦର ଦିନ ପୂର୍ବରୁ ନୋଟିସ କରାଯାଇଥାଏ । ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଗ୍ରାମ ପଞ୍ଚାୟତରେ ଥିବା ସମସ୍ତ ସ୍କୁଲ, ଡାକ୍ତର, ମହିଳା, ସମିତି, ଯୁବକ ସଂଘ, ଅଙ୍ଗନୱାଡି କେନ୍ଦ୍ର ଇତ୍ୟାଦିରେ ନୋଟିସ ଲଗାଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଠାରୁ ସ୍ୱୀକାର ନିଆଯାଏ ଓ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟଙ୍କୁ ନୋଟିସ ଜାରି କରାଯାଏ ।
- ଗ୍ରାମ ପଞ୍ଚାୟତ ପରିସର ମଧ୍ୟରେ ଥିବା ସମସ୍ତ ସାପ୍ତାହିକ ହାଟ ଓ ପ୍ରତି ୱାର୍ଡରେ ଡେଙ୍ଗୁରା ବଜାଇ ଗ୍ରାମସଭା ସଂପର୍କରେ ସର୍ବସାଧାରଣଙ୍କୁ ସୂଚନା ଦିଆଯାଏ ।

- **କୋରମ କଣ (ସର୍ବନିମ୍ନ ଉପସ୍ଥିତି/ସଂଖ୍ୟା ଗରିଷ୍ଠତା) ?**

ଗ୍ରାମସଭାର ମୋଟ ସଭ୍ୟ ସଂଖ୍ୟାର ଦଶ ଭାଗରୁ ଏକ ଭାଗ ସଦସ୍ୟ ଉପସ୍ଥିତ ଥିଲେ ବୈଠକରେ କୋରମ ହେବ । କୋରମ୍‌ର ଏକ ତୃତୀୟାଂଶ ମହିଳା ରହିବା ବାଧ୍ୟତା ମୂଳକ ।

- **ନିଷ୍ପତ୍ତି କିପରି ହୁଏ ?**

ସଂଖ୍ୟା ଗରିଷ୍ଠ ଦ୍ୱାରା ନିଷ୍ପତ୍ତି ଗୃହିତ ହୁଏ । ସମାନ ସଂଖ୍ୟକ ଭୋଟ ହେଲେ ସଭାପତି ନିର୍ଣ୍ଣାୟକ ସମସ୍ୟା ସମାଧାନ କରନ୍ତି । ଅନୁପସ୍ଥିତ ସଭ୍ୟମାନେ ଭୋଟ ଦେଇ ପାରିବେ ନାହିଁ ।

- **ବିବରଣୀ କିଏ ଲିପିବଦ୍ଧ କରନ୍ତି ?**

ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହି ଅଧିକାରୀ ଓଡିଆ ଭାଷାରେ ବିବରଣୀ ଲିପିବଦ୍ଧ କରନ୍ତି । ତାଙ୍କ ଅନୁପସ୍ଥିତରେ ସରପଞ୍ଚ ବିବରଣୀ ଓଡିଆ ଭାଷାରେ ଲେଖିବାକୁ ପଦକ୍ଷେପ ନିଅନ୍ତି । ଏହା ସରପଞ୍ଚ ଦ୍ୱାରା ସ୍ୱାକ୍ଷରିତ ହୋଇ ରୁହେ । ସର୍ବସାଧାରଣ ଚାହିଁଲେ ଏହାକୁ ଦେଖି ପାରିବେ ଏବଂ ଏହାର ନକଲ ବ୍ଲକ ଉନ୍ନୟନ ଅଧିକାରୀ, ପଞ୍ଚାୟତ, ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ନିକଟକୁ ପଠାଯାଏ ।

**ସ୍ୱତନ୍ତ୍ର ବୈଠକ**

କୌଣସି ଏକ ସ୍ୱତନ୍ତ୍ର ବିଷୟବସ୍ତୁ ଯାହାକି ପଞ୍ଚାୟତର ଉନ୍ନତି ନିମନ୍ତେ ଗ୍ରାମସଭାର ସ୍ୱତନ୍ତ୍ର ବୈଠକ ସରପଞ୍ଚ ଡାକି ପାରିବେ । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଧ୍ୟ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ହୋଇପାରିବ ।

- **ଗ୍ରାମସଭାରେ କେଉଁ ବିଷୟରେ ଆଲୋଚନା କରାଯାଏ ?**

- ସାମାଜିକ ଅର୍ଥନୈତିକ ଉନ୍ନତି ସମ୍ବନ୍ଧୀୟ ଯୋଜନା ।
- କାର୍ଯ୍ୟକ୍ରମ ଓ ନୂଆ ପ୍ରକଳ୍ପ ଗୁଡିକର ଅନୁମୋଦନ ।
- ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ହିତାଧିକାରୀ ଚିହ୍ନଟ ।
- ଗ୍ରାମପାଣ୍ଠିର ବିନିଯୋଗ ସଂପର୍କରେ ଗ୍ରାମସଭାଠାରୁ ବିନିଯୋଗ ପ୍ରମାଣ ପତ୍ର ବାର୍ଷିକ ବଜେଟ ।
- ସପ୍ଲିମେଣ୍ଟାରୀ ଓ ସଂଶୋଧିତ ବଜେଟ ଅନୁମୋଦନ ।
- ଗୋଷ୍ଠିସେବା ସଂଗଠନ ।
- କୃଷି ଉତ୍ପାଦନ ଯୋଜନା ପ୍ରସ୍ତୁତି କାର୍ଯ୍ୟକାରୀ ।
- ବ୍ୟୟ ଅଟକଳ ମଞ୍ଜୁରୀ ଅନୁମୋଦନ ।
- ବାର୍ଷିକ ଆୟବ୍ୟୟ ସମ୍ବନ୍ଧୀୟ ନୀତି ନିର୍ଦ୍ଧାରଣ ।
- ଗତ ଆର୍ଥିକ ବର୍ଷର ଅଡିଟ୍ ରିପୋର୍ଟ ଓ ପ୍ରସାଶନିକ ବିବରଣୀ

- **ଗ୍ରାମସଭାର କାର୍ଯ୍ୟ କଣ ?**

- ଗ୍ରାମସଭାର ସମସ୍ତ ଯୋଜନା ଓ ପ୍ରକଳ୍ପକୁ ଅନୁମୋଦନ କରିବା ।
- ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ହିତାଧିକାରୀ ଚିହ୍ନଟ କରିବା ।
- ଗ୍ରାମ ପଞ୍ଚାୟତ ଦ୍ୱାରା ଖର୍ଚ୍ଚ କରା ଯାଇଥିବା ଅର୍ଥର ଉପଯୋଗ ସମ୍ପର୍କରେ ପ୍ରମାଣପତ୍ର ଦେବା ।
- ଜନସାଧାରଣଙ୍କ ଜାଣିବା ପାଇଁ ଆବଶ୍ୟକୀୟ ତଥ୍ୟ ସବୁ ପଞ୍ଚାୟତକୁ ମାଗିବା ।
- ଗ୍ରାମଞ୍ଚଳରେ ଗୋଷ୍ଠିସେବାକୁ ସଂଗଠିତ କରିବା ।

ତୃତୀୟ ବର୍ଷ ସପ୍ତମ ସଂଖ୍ୟା ସେପ୍ଟେମ୍ବର-ଡିସେମ୍ବର ୨୦୧୬

ପ୍ରମେୟ ୧୭.୧୨.୧୬

www.prameyanews.com

# ପ୍ରମେୟ

THE PRAMEYA

PRINTED AT BHUBANESWAR SAMBALPUR JAJPUR

• ISSUE 226 • BHUBANESWAR • SATURDAY • 17 DECEMBER 2016

## ସୁଧୁରୁନି ଶିଶୁ ଅପପୁଷ୍ଟି ଚିତ୍ର

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ: ତାଜା ରିପୋର୍ଟ

- ୩୪% ଶିଶୁଙ୍କ ଓଜନ କମ୍, ୪୫% ରକ୍ତହୀନତାର ଶିକାର
- ଦଶ ବର୍ଷରେ ଚିତ୍ର ବଦଳିଛି କାଣିଚାଏ
- ଆବଶ୍ୟକ ଖାଦ୍ୟ ପାଉ ନାହାନ୍ତି ୯୧% ଶିଶୁ
- ୫୧% ମହିଳା ବି ରକ୍ତହୀନ



ଅଗ୍ରଗାମୀ-

ୟୁରୋପିୟାନ ୟୁନିୟନର ମିଳିତ ପ୍ରକଳ୍ପ: ପଛୁଆ ଗୋଷ୍ଠୀଙ୍କର ପୁଷ୍ଟିସାର ଓ ରୋଜଗାର ନିରାପତ୍ତା ସମ୍ବନ୍ଧୀୟ ସୂଚନା କାର୍ଯ୍ୟକ୍ରମର

# ସୂଚନା ବାର୍ତ୍ତା

## ୭

ସମ୍ପାଦକ
**ଶ୍ରୀ ଅଚ୍ୟୁତ ଦାସ**
ମୁଖ୍ୟ ସମ୍ପାଦକ
**ଶ୍ରୀମତୀ ବିଦ୍ୟା ଦାସ**
ସମ୍ପାଦନା ସହଯୋଗୀ
**ଶ୍ରୀ ବିରଞ୍ଚି କୁମାର ପଟେଲ**

ସମ୍ବାଦ: ୧୪.୧୦.୧୬

ଛାତ୍ରଛାତ୍ରୀ ଅଭାବ

## ବନ୍ଦ ହେବ ୩୭ ସ୍କୁଲ

ନୂଆପଡ଼ା, ୧୩।୧୦ (ଇମିସ): ଛାତ୍ରଛାତ୍ରୀ ଅଭାବ ହେତୁ ନୂଆପଡ଼ା ଜିଲ୍ଲାରେ ୩୭ଟି ପ୍ରାଥମିକ ସ୍କୁଲ ବନ୍ଦ ହେବ। ଏଥିଯୋଗୁଁ ବିଦ୍ୟାଳୟରେ ଖର୍ଚ୍ଚ ହୋଇଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିବ। ଅନ୍ୟପକ୍ଷେ ସ୍କୁଲ ଗୃହ ଗୁଡ଼ିକ ଭୂତକୋଠି ପାଲଟିବା ସହ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିବ। ଏନେଇ ନୂଆପଡ଼ା ଜିଲ୍ଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ରାଜ୍ୟ ଗଣଶିକ୍ଷା ବିଭାଗକୁ ଏକ ରିପୋର୍ଟ ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ ୩୭ଟି ସ୍କୁଲରେ ୧୦ରୁ କମ୍ ପିଲା ରହିଛନ୍ତି।

ପ୍ରକାଶ ଯେ ନୂଆପଡ଼ା ବ୍ଲକ୍‌ରେ ୬ଟି, କୋମନାରେ ୧୫, ଖଡ଼ିଆଳରେ ୫, ବୋଡ଼େନରେ ୩ ଓ ସିନାପାଲି ବ୍ଲକ୍‌ରେ ୮ଟି ସ୍କୁଲରେ ୧୦ରୁ କମ୍ ଛାତ୍ରଛାତ୍ରୀ ରହିଛନ୍ତି। ନୂଆପଡ଼ା ବ୍ଲକ୍‌ର ସାଲିହାର ଡଙ୍ଗରୀପାଲି ୟୁପିଏସ୍ ସ୍କୁଲରେ ୬ ଜଣ ଛାତ୍ର ଅଛନ୍ତି। ଏହି ସ୍କୁଲ ୨୦୦୮ ମସିହାରେ ସ୍ଥାପନ କରାଯାଇଥିଲା ଓ ୫୮ ଜଣ ପିଲା ପାଠ ପଢୁଥିବା ଦର୍ଶାଯାଇଥିଲା। ବର୍ତ୍ତମାନ ଏଠାରେ ଅଧ୍ୟୟନ କରୁଥିବା ୬ ଜଣ ପିଲାଙ୍କୁ ୨ କିମି. ଦୂରରେ ଥିବା ସାଲିହା ଏସ୍ଏସ୍‌ଡି ସ୍କୁଲକୁ ପଠାଯିବ। ସେହିପରି ଟିକିରାପଡ଼ା ସ୍କୁଲରେ ... ଜଣ ଛାତ୍ରଛାତ୍ରୀ ଥିବାବେଳେ ଏହି ସ୍କୁଲ ...୦୯ ମସିହାରେ ଖୋଲା ଯାଇଥିଲା। ଏହି ୯ ଜଣ ପିଲାଙ୍କୁ ଠୋଙ୍ଗୋପାଣି ସ୍କୁଲକୁ ପଠାଯିବ। ଛୋଟଲୋର୍ଡ଼ାଲା ସ୍କୁଲରେ ୨୦୦୮ରେ ଆରମ୍ଭ ହୋଇଥିବା ବେଳେ ସେଠାରେ ୫୨ ଜଣ ପିଲା ପଢୁଥିଲେ। ବର୍ତ୍ତମାନ ୧୦ ଜଣ ପିଲା ଥିବା ଜଣାଯାଇଛି। ଏହି ଛାତ୍ରଙ୍କୁ ଲୋର୍ଡ଼ାଲା ସ୍କୁଲକୁ ସ୍ଥାନାନ୍ତର କରାଯିବ। ବୋଥା ନୂଆଡିହି ସ୍କୁଲ ୨୦୦୭ରେ ସ୍ଥାପନ କରାଯାଇଥିଲା ଓ ୩୪ ଜଣ ପିଲା ପଢୁ ଥିବାବେଳେ ବେଳେ ବର୍ତ୍ତମାନ ୧୦ ଜଣ ପିଲା ପଢୁଛନ୍ତି। ଏହି ପିଲାମାନଙ୍କୁ ବୋଧ ସ୍କୁଲକୁ ପଠାଯିବ। ୨୦୦୯ ମସିହାରେ ବନଦିପଡ଼ା ସ୍କୁଲ ୨୩ ଜଣ ପିଲାଙ୍କୁ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ଏଠାରେ ୧୦ ଜଣ ଅଧ୍ୟୟନ କରୁଛନ୍ତି। ସେହିପରି ମଧୁପୁର ସ୍କୁଲ ୨୦୦୮ରେ ଆରମ୍ଭ ହୋଇଥିଲା ଓ ୪୧ ଜଣ ପିଲା ପଢୁଥିଲେ। ଏବେ ଏଠାରେ ୯ ଜଣ ପିଲା ଅଛନ୍ତି।

ଅନ୍ୟପକ୍ଷେ କୋମନା ବ୍ଲକ୍‌ର ପାଟପାଣି ସ୍କୁଲରେ ୫ ଜଣ, ଲର୍କା ଟୁପ ସ୍କୁଲରେ ୪ ଜଣ ପିଲା ପାଠ ପଢୁଛନ୍ତି। ଏହି ସ୍କୁଲ ୧୯୭୯ ଓ ୧୯୮୧ ମସିହାରେ ସ୍ଥାପିତ ହୋଇଥିଲା। ପ୍ରଧାନ ଶିକ୍ଷକ ଆବଶ୍ୟକ କାଗଜପତ୍ର ଦେଇ ନ ଥିବାରୁ ଏହି ଦୁଇଟି ସ୍କୁଲ ବନ୍ଦ ହେବାକୁ ଯାଉଛି। ସେହିପରି କେନ୍ଦୁପଡ଼ା ସ୍କୁଲରେ ୪ ଜଣ, ଚଚରାଙ୍ଗରଣରେ ୯, ଭୁଞ୍ଜିଆପଡ଼ାରେ ୮, ପୁରୁଣାବସ୍ତିରେ ୫, ମୋଟିପଦର ୮, ବାଲିଖମାର ୭, ତୁଲସୀପଡ଼ା ୬, ହରଡ଼ାପଡ଼ା ୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଜଣାଯାଇଛି। ସେହିପରି ନାଏକପଡ଼ାରେ ୭ ଜଣ, ଗୋରପଦର ୬, ରଜନାର ନାଏକପଡ଼ା ଓ ଦଶପୁରଘାଟି ସ୍କୁଲରେ ଆଦୌ ପିଲା ନଥିବା ଜଣାଯାଇଛି। ଫୁଣ୍ଡେଲପଦରରେ ୭ ଜଣ ପିଲା ଅଛନ୍ତି। ଖଡ଼ିଆଳ ବ୍ଲକ୍‌ର ଚଚରାଭଟାରେ ୬ ଜଣ, ଭୋଲପଡ଼ାରେ ୭, ବୀରନପୁର ୪, କଚରାପଡ଼ାରେ ୬, ଦର୍ଲିପଡ଼ାରେ ୮ ଜଣ ପିଲା ଅଛନ୍ତି। ବୋଡ଼େନ ବ୍ଲକ୍‌ର ସାଲୋପଡ଼ା ୯ ଜଣ, ବାଙ୍କିମୁଣ୍ଡା ୯, ସିନ୍ଦେକେଲାପଡ଼ାରେ ୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସିନାପାଲି ବ୍ଲକ୍‌ର ଜାମଲିଆପଦରରେ ଜଣେ, କବାପଡ଼ାରେ ୭, ଚିତାରମ୍ଭାରେ ଜଣେ, ଖୋଲାପଡ଼ାରେ ୩, ତିଲେଇପମାରେ ୨, ପେଡ଼ାପଦରରେ ୮, ଡଙ୍ଗରୀପାଲିରେ ୭, ରାମପୁର ସ୍କୁଲରେ ୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାରୁ ଏହି ସ୍କୁଲ ବନ୍ଦ ହେବ ବୋଲି ନୂଆପଡ଼ା ଜିଲ୍ଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ବିଦ୍ୟାଳୟ ଆରମ୍ଭ ହେବା ବେଳେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଥିବା ଦର୍ଶାଯାଇଥିଲା। ହେଲେ ୮ ବର୍ଷ ମଧ୍ୟରେ ଏହି ସ୍କୁଲରେ ପିଲାସଂଖ୍ୟା କିପରି କମ୍ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ୨୦୦୮ ମସିହାରେ ଏହିସବୁ ଗାଁରେ ଜନସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇଥିବାବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇବା ନେଇ ଚର୍ଚ୍ଚାର ବିଷୟ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ନୂଆ ସ୍କୁଲ ଖୋଲିବା ପାଇଁ କେବଳ ଅନୁମତି ଦେଇ ଚୁପ୍ ରହିଗଲେ। ଏପରିକି ସ୍କୁଲ ଘର ପାଇଁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଲେ। ବାସ୍ତବ ଚିତ୍ରକୁ ଅନୁଧ୍ୟାନ କରାଯାଇ ସ୍କୁଲ ଖୋଲିବା ପାଇଁ ଅନୁମତି ଦିଆଯାଇ ନ ଥିବାରୁ ସଂପୃକ୍ତ ବିଭାଗ ସହ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଅନ୍ଧୁଆରେ ପଡ଼ିଛନ୍ତି। ସ୍କୁଲ ଖୋଲା ଯିବା ସମୟରେ ଅଧିକ ପିଲା କାଗଜପତ୍ରରେ ଦର୍ଶାଯାଇ କମିଟି କର୍ମକର୍ତ୍ତାମାନେ ନିଜ ମନ ମତାବକ ସ୍କୁଲ ଖୋଲିବାରେ ସଫଳ ହୋଇଥିଲେ। ବର୍ତ୍ତମାନ ତଦନ୍ତ ପରେ ସତ୍ୟ ଘଟଣା ପଦାକୁ ଆସିବା ପରେ ସରକାର ତରବରିଆ ଭାବେ ସଂପୃକ୍ତ ସ୍କୁଲକୁ ବନ୍ଦ କରିବାକୁ ପଦକ୍ଷେପ ନେଇଛନ୍ତି। ଏଥିରେ ସଂପୃକ୍ତ ବିଭାଗୀୟ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

ନୂଆପଡ଼ା ଜିଲ୍ଲା

ବୁକ୍ ପୋଷ୍ଟ

ପ୍ରାପକ:

ଅଗ୍ରଗାମୀ
ଏନ୍.ଡି.-୮, ଭି.ଆଇ.ପି. ଏରିଆ, ପୋ- ଆଇ.ଆର୍.ସି. ଭିଲେଜ୍,
ଭୁବନେଶ୍ୱର - ୭୫୧୦୧୫, ଫୋନ୍: ୦୬୭୪-୨୫୫୧୧୨୩

(ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକ ଲେଖକଙ୍କ ନିଜସ୍ୱ ମତ । ଏଥିପାଇଁ ସଂପାଦକ ଦାୟୀ ନୁହଁନ୍ତି)